# ବିରାଜ ଷ୍ଟିଲକୁ ପ୍ରଦୂଷଣ ବୋର୍ଡର ବନ୍ଦ ନିର୍ଦ୍ଦେଶ

**ସମ୍ବଲପୁର, ୯।୧(ସମିସ)**

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଗୁରୁପାଲି ଠାରେ ଥିବା ବିରାଜ ଷ୍ଟିଲ କମ୍ପାନୀ ଉପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇଛି। ରାଜ୍ୟ ପ୍ରଦୂଷଣ ବୋର୍ଡ କମ୍ପାନୀକୁ ବନ୍ଦ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛି। କମ୍ପାନୀ ଚାଲିବାରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ଯାହା ଅନୁସାଙ୍ଗିକ ବ୍ୟବସ୍ଥା ଓ ଭିତ୍ତିଭୂମି ନିର୍ମାଣ କରିବା ଆବଶ୍ୟକ ତାହା କମ୍ପାନୀ ପାଳନ କରିନାହିଁ। ଏଥିପାଇଁ ଅନେକ ଥର ଜରିମାନା ଅଦାୟ କରାଯାଇଛି। ବାରମ୍ବାର ନୋଟିସ କରି ତାଗିଦ କରିବା ପରେ ମଧ୍ୟ କମ୍ପାନୀ ପ୍ରତିକାର ପାଇଁ କୌଣସି ପଦକ୍ଷେପ ଗ୍ରହଣ କଲା ନାହିଁ। ତେଣୁ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଦିଆଯାଇଥିବା ଅନୁମତିକୁ ବାତିଲ କରାଯାଉଛି। ପରବର୍ତ୍ତୀ ଅନୁମତି ନ ଦେବା ପର୍ଯ୍ୟନ୍ତ କମ୍ପାନୀ ଉତ୍ପାଦନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ରାଜ୍ୟ ପ୍ରଦୂଷଣ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ କମ୍ପାନୀ ନିର୍ଦ୍ଦେଶକକୁ ଏହି ଚିଠି କରାଯାଇଛି। ସୂଚନା ଯୋଗ୍ୟଯେ, ବିରାଜ ଷ୍ଟିଲ ନାମରେ ଅଭିଯୋଗ ହୋଇଥିଲା ଯେ, ହୀରାକୁଦ ଜଳଭଣ୍ଡାର ନିଷିଦ୍ଧାଞ୍ଚଳରେ ପାଉଁଶ ପକାଉଛି। ରାଜପଥରେ କଡରେ ପାହାଡ ଭଳି ଗଦା ହୋଇଛି। ଚିମିନିରୁ ଅନବରତ ନିଷ୍କାସିତ କଳା ଧୂଆଁ ବାହାରୁଛି।



ବାୟୁମଣ୍ଡଳରେ ଧୂଳିଗୁଣ୍ଡ ଉଡୁଥିଲା। ମଣିଷ, ଜୀବଜନ୍ତୁଙ୍କ ସହିତ ଚାଷ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି। ଏପରିକି ସେହି ରାସ୍ତା ଦେଇ ଯିବା କଷ୍ଟକର। ସମସ୍ତେ ପ୍ରଦୂଷଣ ବଳୟରେ ଜୀବନ ବିତାଉଛନ୍ତି। ଚାଷ ନଷ୍ଟ ହେବା ସହ ମଣିଷ ଜୀବନ ପ୍ରତି ବିପଦ ରହିଛି। ଅନେକ ଲୋକ ପ୍ରଦୂଷଣ ପାଇଁ ପ୍ରାଣ ହରାଉଥିବା ଲୋକମାନେ ଅଭିଯୋଗ କରିଥିଲେ। ପ୍ରଦୂଷଣ କେବଳ ମଣିଷଙ୍କ ଉପରେ ପ୍ରଭାବ ପକାଉନି, ଜୀବଜନ୍ତୁଙ୍କ ଉପରେ ମଧ୍ୟ ପଡୁଥିଲା। ବୁଲା କୁକୁରଙ୍କ ଲୋମ ଝଡିବା ସହ ନାନା ରୋଗର ଶିକାର ହେଉଛନ୍ତି। ପୂର୍ବଭଳି ପକ୍ଷୀଙ୍କ କଳରବ ଶୁଣିବାକୁ ମିଳୁନି। ଘରଚଟିଆ, କୋଇଲି, କାଉ ଭଳି ପକ୍ଷୀ ଲୋପ ପାଇବାକୁ ବସିଲେଣି। କୀଟପତଙ୍ଗ ଓ ଅନ୍ୟ ପ୍ରାଣୀଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ଅଧିକ ରହିଥିଲା। ତୁରନ୍ତ ପ୍ରଦୂଷଣ ରୋକିବା ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପ୍ରର୍ଦୁଷଣ ବିଭାଗ ତଦନ୍ତ କରି ରିପୋର୍ଟ ପ୍ରସ୍ତୁତ କରିଥିଲା। ବୋଲି ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ପ୍ରର୍ଦୁଷଣ ବିଭାଗର ଟିମ ୨୦୨୩ ଜୁଲାଇ ୭ ତାରିଖ କମ୍ପାନୀକୁ ପରିଦର୍ଶନ କରିଥିଲେ। ସବୁ ବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦୁଇ ମାସ ପରେ ପୁଣି ନଭେମ୍ବର ମାସ ୧ ତାରିଖ ପୁଣି ଯାଞ୍ଚ କରିଥିଲେ। ହେଲେ କମ୍ପାନୀ ପରିବର୍ତ୍ତନ କରିନଥିଲା। ଏହାକୁ ନେଇ ପ୍ରଦୂଷିତ ଧୂଆଁକୁ ବାୟୁମଣ୍ଡଳରେ ଛାଡିବା ପାଇଁ ବ୍ୟାକ୍ ଫିଲଟର୍ ନ ଚାଲିବା, ଟ୍ରିଟମେଣ୍ଟ ପ୍ଲାଣ୍ଟ, ପାଉଁଶ ଓ ବ୍ୟର୍ଯ୍ୟବସ୍ତୁ ପକାଇବାରେ ନିୟମ ଖିଲାପି କରିବା ଭଳି ଅନେକ ବ୍ୟତିକ୍ରମ ରହିଥିଲା। କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଜଣାପଡ଼ିଥିଲା। ପୂର୍ବରୁ ଅନେକଥର ଏହାକୁ ନେଇ କମ୍ପାନୀ ଉପରେ ଜରିମାନା ହୋଇଛି ତେଣୁ ଶେଷରେ କମ୍ପାନୀକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା

# ପ୍ରତ୍ୟେକ ଘରୁ ଗୋଟିଏ ଗୁଆ ଓ ମୁଠେ ଚାଉଳ

**ରେଙ୍ଗାଲି, ୯।୧(ସମିସ):** ରେଙ୍ଗାଲି ବ୍ଲକର ରେଙ୍ଗାଲି ଚାଉଳଡିପୁ ଓ କତରବଗାର ଜଗନ୍ନାଥ ମନ୍ଦିରରୁ ଜୟ ଜଗନ୍ନାଥ ଅର୍ପଣ ରଥଯାତ୍ର



ଆରମ୍ଭ ହୋଇଥିଲା। ଗ୍ରାମର ପ୍ରତ୍ୟେକ ଘରୁ ଗୁଟେ ଗୁଆ ଓ ମୁଠେ ଚାଉଳ ପ୍ରଭୁ ଜଗନ୍ନାଥଙ୍କୁ ଅର୍ପଣ କରିଥିଲେ। କତରବଗା ସରପଞ୍ଚ ନିଳାମ୍ବର ରୋହିଦାସ, ବିଜେଡି ରାଜ୍ୟ ପରିଷଦ ସଭ୍ୟ ଇଂ. ଗାନ୍ଧୀ ବେହେରା, ମୋନିକା ବେହେରା, ଡବ୍ଲୁଓଡିସି ଏକ୍ସପାର୍ଟ ସଭ୍ୟ ଜାଜ୍ଞସେନି ନାଗ, ସମିତିସଭ୍ୟ ଆକୁର କାଲୋ, ଜିଲ୍ଲା ସାଧାରଣ ସମ୍ପାଦକ ଡୋଳାମଣି ଖମାରୀ, ଗୋବର୍ଦ୍ଧନ ସାହୁ ପ୍ରମୁଖଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ରହି ପ୍ରଥମେ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ, ତାପରେ ରଥ ଘର ଘର ବୁଲି ଗୁଟେ ଗୁଆ ଓ ମୁଠେ ଚାଉଳ ସଂଗ୍ରହ କରିଥିଲା। ସେହିପରି ରେଙ୍ଗାଲି ଚାଉଳଡିପୁ ରେ ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ, ରେଙ୍ଗାଲି ଜୋନ-୧ ଜିଲ୍ଲା ପରିଷଦ ସଭ୍ୟ ଚୋଲଶ୍ରୀ ମାହାନନ୍ଦ, ନରେଶ ଶର୍ମାଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଜଗନ୍ନାଥ ମନ୍ଦିର ରୁ ପୂଜାର୍ଚ୍ଚନା କଲାପରେ ଘରେ ଘରେ ବୁଲି ଗୁଟେ ଗୁଆ ଓ ମୁଠେ ଚାଉଳ ସଂଗ୍ରହ କରିଥିଲା ଜଗନ୍ନାଥଙ୍କ ରଥ।

### ଘର ଭିତରୁ ଯୁବକଙ୍କ ରକ୍ତାକ୍ତ ଶବ ଉଦ୍ଧାର

# ଘରୋଇ କଳହରୁ ହତ୍ୟା ସନ୍ଦେହ

**ରେଙ୍ଗାଲି, ୯।୧(ସମିସ):** ସମ୍ବଲପୁର ଜିଲ୍ଲା ଠେଲକଲୋଇ ଥାନା ଅନ୍ତର୍ଗତ ଲପଙ୍ଗା ସରଧାପାଲିରେ ଗୋଟିଏ ଘର ଭିତରୁ ଜଣେ ଯୁବକଙ୍କ ମୃତଦେହ ରକ୍ତଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ ଠେଲକଲୋଇ ଥାନା ଅନ୍ତର୍ଗତ ଲପଙ୍ଗା ସରଧାପାଲିରେ ବିଶ୍ୱନାଥ ବେନର୍ଜୀଙ୍କୁ କେହି ହତ୍ୟା କରି ଘରେ ଫିଙ୍ଗି ଦେଇଥିବାର ଠେଲକଲୋଇ ପୁଲିସକୁ ବିଶ୍ୱନାଥଙ୍କ ଘର ଲୋକେ ଖବର ଦେଇଥିଲେ। ଖବରପାଇ ଠେଲକଲୋଇ ଥାନା ଅଧିକାରୀ ସାବିତ୍ରୀ ବଳ, ରେଙ୍ଗାଲି ଥାନା ଅଧିକାରୀ ସୁଦର୍ଶନ ପଣ୍ଡା, ଏସ୍‌ଡିପିଓ ପ୍ରଦୀପ ସାହୁ ଓ ସାଇଣ୍ଟିଫିକ ଦଳ ଆସି ତଦନ୍ତ କରିଥିଲେ। ତଦନ୍ତ ସମୟରେ ବିଶ୍ୱନାଥଙ୍କ ମୃତଦେହ ଘର ଭିତରେ ଏକ ରୁମ୍‌ରେ ପଡ଼ିଥିଲା। ରୁମ୍ ଭିତରେ ଥିବା କାନ୍ଥ, ଚଟାଣ, କପଡ଼ାରେ ରକ୍ତ ଛିଟା ପଡ଼ିଥିବାର ପୁଲିସ ଦେଖିଥିଲା। ଘରୋଇ କଳହରୁ ହତ୍ୟାକାଣ୍ଡ ହୋଇଥିବାର ପୁଲିସ ସନ୍ଦେହ କରୁଛି। ପୁଲିସ କେସ ନଂ ୦୭/୨୪ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଦେଶୀ ମଦଭାଟି ସ୍ଥାନାନ୍ତର ଦାବି

**କୁଚିଣ୍ଡା, ୯।୧(ସମିସ):** କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ ୩ ଓ ୪ ମଧ୍ୟସ୍ଥଳରେ ବହୁବର୍ଷ ଆଗରୁ ଏକ ଦେଶୀ ରନ୍ଧା ମଦଭାଟି ରହିଅଛି। ଏହି ଦେଶୀ ରନ୍ଧା ମଦଭାଟିକୁ ସ୍ଥାନାନ୍ତର ପାଇଁ ଏନ୍‌ଏସି ଠାରୁ ଆରମ୍ଭ କରି ଜିଲ୍ଲାପାଳ କାର୍ଯ୍ୟାଳୟ ଏବଂ କୁଚିଣ୍ଡା ଅବକାରୀ କାର୍ଯ୍ୟାଳୟ ଠାରୁ ଅବକାରୀ ଅଧ୍ୟକ୍ଷ ପର୍ଯ୍ୟନ୍ତ ଅଞ୍ଚଳବାସୀ ଅଭିଯୋଗ କରିଆସୁଛନ୍ତି। ହେଲେ ଏଯାଏଁ ସେହି ଦେଶୀ ମଦଭାଟି ସ୍ଥାନାନ୍ତର ହୋଇପାରିଲା ନାହିଁ। ଏହି ମଦଭାଟି ଉକ୍ତ ସ୍ଥାନରେ ରହିବ ଦ୍ୱାରା ମଦଭାଟି ପାଖାପାଖି କେହି ବି ଘର ନିର୍ମାଣ କରିବାକୁ ଚାହୁଁନଥିବା ବେଳେ ଏଇବାଟ ଦେଇ ସିଙ୍ଗଲପୋଷି, କିଣ୍ଡିରା, ହାଡିପାଲି, ପତ୍ରାପାଳି, ସର୍ଗିଡ଼ିହି ପଡ଼ାର ଛାତ୍ରଛାତ୍ରୀ ମାନେ ବିଭିନ୍ନ ସ୍କୁଲ କଲେଜ ଆଦି ଶିକ୍ଷାନୁଷ୍ଠାନ ପଢ଼ିବା ପାଇଁ ପ୍ରତ୍ୟେକ ଦିନ ଯା'ଆସ କରିଥାନ୍ତି। ହେଲେ ରାସ୍ତା ଉପରେ ନିଶାସକ୍ତମାନେ ଯାତାୟାତ କରୁଥିବା ବ୍ୟକ୍ତି ମାନଙ୍କୁ ବହୁ ସମୟରେ ଗଳିଗୁଲଜ କରୁଛନ୍ତି। ତଥାପି ମଦଭାଟିକୁ ସ୍ଥାନାନ୍ତର କରାଯାଉ ନାହିଁ। ଗତବର୍ଷ ଏନ୍‌ଏସି ଅଧ୍ୟକ୍ଷ ମଦ ଭାଟି ସ୍ଥାନାନ୍ତର ପାଇଁ ଆରମ୍ଭ କରିଥିଲେ, ହେଲେ ଏ ପର୍ଯ୍ୟନ୍ତ କ'ଣ ହେଲା ଜନସାଧାରଣ ପାଖରେ ଖବର ନାହିଁ। ସହର ମଧ୍ୟରେ ଏହି ଦେଶୀ ମଦଭାଟି ରହିବା ଦ୍ୱାରା ସହରର ପରିବେଶ ଦୂଷିତ ହେବ ସହ ମଦ ଭାଟିରୁ ନିର୍ଗତ ମଇଲା ପାଣି ପୋଖରୀରେ ମିଶିବା ଦ୍ୱାରା ନାନା ପ୍ରକାର ଚର୍ମ ରୋଗ ହେଉଛି। ତୁରନ୍ତ ମଦଭାଟିକୁ ଅନ୍ୟତ୍ର ସ୍ଥାନାନ୍ତର ନ କଲେ ଅଞ୍ଚଳବାସୀ ଆନ୍ଦୋଳନମୁହାଁ ହେବେ ବୋଲି ଚେତାବନୀ ଦେଇଛନ୍ତି।

### ହପ୍ରିୟାବାହାଲ ଫୁଟବଲ ପ୍ରତିଯୋଗିତା

# ସିତଲେନପାଲିକୁ ହରାଇ ଡେଙ୍ଗିମଚା ଚାମ୍ପିଅନ



**ଯୁଯୁମୁରା, ୯।୧(ସମିସ):** ଯୁଯୁମୁରା ବ୍ଲକର ଡାକଡେରା ଖେଳପଡ଼ିଆରେ ହପ୍ରିୟାବାହାଲ ଗ୍ରାମର କ୍ଲବ ପକ୍ଷରୁ ଦୁଇଦିନିଆ ଫୁଟବଲ ପ୍ରତିଯୋଗିତା -୨୦୨୪ ଆଜି ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଏହାର ଫାଇନାଲ ମ୍ୟାଚ ଡେଙ୍ଗିମଚା ଓ ସିତଲେନପାଲି ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡେଙ୍ଗିମଚା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଏହାକୁ ଆଦିବାସୀ କ୍ଲବ ହପ୍ରିୟାବାହାଲ ଆୟୋଜନ କରିଥିଲା। ପୁରସ୍କାର ବିତରଣି ସମାରୋହରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଯୁବ ବିଜେଡିର ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ସମ୍ମାନିତ ଅତିଥିଭାବରେ ଜୟନ୍ତପୁର ପଞ୍ଚାୟତ ସରପଞ୍ଚ ଆରତୀ ତାଣ୍ଡିଆ, ନାଏବ ସରପଞ୍ଚ ଲଳିତ ପ୍ରଧାନ, ପୂର୍ବତନ ସରପଞ୍ଚ ଗଣେଶ ତାଣ୍ଡିଆ ପ୍ରମୁଖ ଯୋଗଦାନ କରି ବିଜେତା ତଥା ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାକୁ ରେଫରି ବିଜୟ ଓରାମ, ରାଜାରାମ ଓରାମ, ପରେଶ ସିଦ୍ଧ, ଭୁର୍ସଭାନୁ ମହନ୍ତ ପରିଚାଳନା କରିଥିବା ବେଳେ ଆୟୋଜକ କ୍ଲବର ବିଜୁ ଓରାମ, ଭଗବାନ ଓରାମ, ରମାକାନ୍ତ ଓରାମ, ରୋହିତ ଓରାମ, ରାଜିବ ଓରାମ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବାଳକୃଷ୍ଣ ବେରଦଳେଇ
ଅମଲାଭଟା, କେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଝାଇଁ - ନବୀନ ରାଜୁ

# କୁଚିଣ୍ଡା ଏନଏସିରେ ବଡାଖାନାର ଆୟୋଜନ

**କୁଚିଣ୍ଡା, ୯।୧ (ସମିସ):** ଧନୀଗରିବ, ଉଚ୍ଚନୀଚ, ସଫେଇ କର୍ମଚାରୀ, ଅଧିକାରୀ ଆଦି ଭେଦ ଭାବ ଭୁଲି ସମସ୍ତେ ଏକା ସାଙ୍ଗରେ ସ୍ୱାଦିଷ୍ଟ ଭୋଜନ କରିବେ। ଉଚ୍ଚ ଅଧିକାରୀ ପରସିବେ ଏବଂ ତଳିଆ କର୍ମଚାରୀ ଆନନ୍ଦର ସହ ଗ୍ରହଣ କରିବ। ଏହାକୁ ନେଇ କୁଚିଣ୍ଡା ଏନଏସି ପକ୍ଷରୁ ସ୍ଥାନୀୟ ଫରେଷ୍ଟ ପାର୍କରେ ବଡା ଖାନାର ଆୟୋଜନ କରିଥିଲା। ଏହି ଅବସରରେ ଉପଖଣ୍ଡ ପୁଲିସ ଅଧିକାରୀ ଅମିତାଭ ପଣ୍ଡା, ଡେପୁଟୀ କଲେକ୍ଟର ଭାସ୍କର ଚନ୍ଦ୍ର ବେହେରା, ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଆଇଆଇସି ଦିଲ୍ଲୀପ ସ୍ୱାଇଁ, ଏସଡିଏମଓ ଡା. ସୁବୋଧ କୁମାର ନାୟକ, ଇଂ ଗୌରବ ପଧାନ, ଏମଇଏସସିପ ସୁଶାନ୍ତ ଗଜେନ୍ଦ୍ର ସିଂ, ହିମାଂଶୁ ମହାନନ୍ଦ, ଅତିଥି ସହାୟକ ତପନ ମହାପାତ୍ରଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି ବଡା ଖାନାରେ ଅଂଶଗ୍ରହଣ କରିଥିଲେ।



### ମହୁଲପାଲି ସ୍କୁଲରେ ପାନୀୟ ଜଳ ସମସ୍ୟା

# ଫାଟକରେ ତାଲା ପକାଇଲେ ଗ୍ରାମବାସୀ

**ନାକଟିଦେଉଳ, ୯।୧(ସମିସ):** ଗ୍ରାମାଞ୍ଚଳର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ବିପୁଳ ଅର୍ଥ ବିନିଯୋଗ କରୁଛନ୍ତି ସରକାର। ହେଲେ ଛୋଟଛୋଟ ପିଲାମାନେ ପାଠ ପଢୁଥିବା ସ୍କୁଲ୍‌ରେ ଏବେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏହି ପାନୀୟ ଜଳ ସମସ୍ୟା ଦୂରୀକରଣ ଦାବିରେ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନାକଟିଦେଉଳ ବ୍ଲକ ମହୁଲପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ଖବର ଅନୁସାରେ ବିଦ୍ୟାଳୟ ପରିସରରେ ଥିବା ନଳକୂପଟି ଆଜକୁ ୨ବର୍ଷ ହେବ ଅଚଳ ହୋଇ ପଡ଼ିଛି। ନଳକୂପଟି ଅଚଳ ହୋଇଯିବା ପରେ ସେହି ନଳକୂପରୁ ବିଦ୍ୟୁତ୍ ଚାଳିତ ଏକ ପାଣିପମ୍ପ ଦ୍ୱାରା ପାଣି ବ୍ୟବହାର କରାଯାଉଥିଲା। ପାଣି ପମ୍ପଟି ମଧ୍ୟ ଅଚଳ ହୋଇଯିବାରୁ ପିଲାମାନଙ୍କ ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ଗାଁ ଭିତରୁ ପାଣି ଅଣାଯାଏ। ପିଲାମାନେ ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ପାଖରେ ଥିବା ଏକ ପୋଖରୀକୁ ହାତ ଧୋଇବା ପାଇଁ ଯାଇଥାନ୍ତି ପିଲାମାନେ। ଏଥିସହ ପାଣି ପିଇବା ପାଇଁ ପିଲାମାନେ ନିଜ ନିଜର ଘରୁ ବୋତଲ ଦ୍ୱାରା ପାଣି ନେଇଯାନ୍ତି ସ୍କୁଲ୍। ଏଭଳି ସ୍ଥିତିରେ ପାଣି ଅଭାବ ଯୋଗୁଁ ପିଲାମାନେ ଓ ସ୍କୁଲ୍ କର୍ତ୍ତୃପକ୍ଷ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏହି ପାନୀୟ ଜଳର ସମସ୍ୟା ଦୂରୀ କରଣ ପାଇଁ ବିଦ୍ୟାଳୟ କମିଟି ଏବଂ ସ୍କୁଲ କର୍ତ୍ତୃପକ୍ଷ ବାରମ୍ବାର ବ୍ଲକ ପ୍ରଶାସନକୁ ଲିଖିତ ଭାବେ ଜଣାଇ ଆସୁଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନିଆଗଲା ନାହିଁ। ଯାହାଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ବିଦ୍ୟାଳୟରେ ରହିଥିବା ପାନୀୟ ଜଳର ସମସ୍ୟା ଦୂରୀକରଣ ଦାବୀ କରି ଆଜି ଗ୍ରାମବାସୀ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମିଶି ଆଜି ସକାଳ ୧୦ଟାରୁ ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀଙ୍କୁ ଧରି ଧରଣାରେ ବସିଥିଲେ। ଖବର ପାଇ ସିଆରସିସି ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପାଣିପମ୍ପ ସଜଡା ଯିବା ପାଇଁ କହିଥିଲେ। ତେବେ ବର୍ତ୍ତମାନ ପାଣି ବ୍ୟବହାର ପାଇଁ ପାଖରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଥିବା ନଳକୂପକୁ ସଜଡାଯାଇଥିବା ବିଭାଦଗୀୟ ଯନ୍ତ୍ରୀ ପ୍ରକାଶ କରିଛନ୍ତି।



# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ସମ୍ପନ୍ନ

**ଜମନକିରା, ୯।୧ (ସମିସ):** ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଅନ୍ତର୍ଗତ ଚିନିମହୁଲ ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମଙ୍ଗଳବାର ସକାଳ ୮ଟାରୁ ଅପରାହ୍ନ ୧୨:୪୫ ମିନିଟ ପର୍ଯ୍ୟନ୍ତ ଷଷ୍ଠ ଶ୍ରେଣୀରୁ ନବମ ଶ୍ରେଣୀରେ ପ୍ରବେଶିକା ପରୀକ୍ଷା ହୋଇଯାଇଛି। ୬ଷ୍ଠ ଶ୍ରେଣୀରେ ପ୍ରବେଶିକା ପାଇଁ ୧୬୮ ଜଣ ଙ୍କ ଆବେଦନ ହୋଇଥିବା ବେଳେ ୧୫୭ ଜଣ ପରୀକ୍ଷା ଦେଇଥିଲେ। ୭ମ ଶ୍ରେଣୀ ପାଇଁ ୬୬ ଜଣ ଆବେଦନ କରିଥିବା ବେଳେ ୫୪ ଜଣ ପରୀକ୍ଷାରେ ଉପସ୍ଥିତ ଥିଲେ। ସେହିପରି ୮ମ ଶ୍ରେଣୀ ପାଇଁ ଜଣକ ଆବେଦନ ହୋଇଥିବା ବେଳେ ସେ ଅନୁପସ୍ଥିତ ଥିଲେ ଓ ୯ ଶ୍ରେଣୀ ପାଇଁ ୨୧ ଜଣକ ଆବେଦନ ହୋଇଥିବା ବେଳେ ୧୬ ଜଣ ଉପସ୍ଥିତ ରହି ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷା ଦୁଇଟି ସେଣ୍ଟରରେ ହୋଇଥିବା ବେଳେ ଆଦର୍ଶ ବିଦ୍ୟାଳୟ ରେ ୨୫୦ ଜଣରୁ ୨୨୭ ଜଣ ଉପସ୍ଥିତ ଥିବା ବେଳେ ଜମନକିରା ପଞ୍ଚାୟତ ହାଇସ୍କୁଲରେ ୧୪୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଆସନ୍ତା ଫେବୃଆରୀ ମାସରେ ଏହି ପରୀକ୍ଷ ର ଫଳାଫଳ ପ୍ରକାଶିତ ହେବ। ଗତ ବର୍ଷ ୩୩୦ ଜଣ ପରୀକ୍ଷା ଦେଇଥିବା ବେଳେ ଏ ବର୍ଷ ଏହା ବୃଦ୍ଧି ହୋଇ ୩୭୪ ହୋଇଛି।

# ଦଧିବାମନ ବଣିକ ସଂଘର ସାଧାରଣ ବୈଠକ

**ରେଢ଼ାଖୋଲ, ୯।୧(ସମିସ):** କଦଳୀଗଡ଼ ଆଞ୍ଚଳିକ ଦଧିବାମନ ବଣିକ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଧ୍ରୁବଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ତନୁଜ ସାହୁ ମାସିକ ବିବରଣୀ ପଠନ କରିଥିଲେ। ବୈଠକରେ କଦଳୀଗଡ଼ ସରପଞ୍ଚ ସରୋଜ କୁମାର ସେଠି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଶେଷ କରି କଦଳୀଗଡ଼ ଓ ବିଶିପାଲି ଛକରେ ବୃଦ୍ଧି ପାଇଥିବା ମଦୁଆମାନଙ୍କ ଉତ୍ପାତକୁ ସଂଘର କର୍ମକର୍ତ୍ତାମାନେ ଉଦବେଗ ପ୍ରକାଶ କରିଥିଲେ।ଏଥିରେ ବ୍ୟବସାୟ ଉପରେ ପଡୁଥିବା ପ୍ରଭାବ ବିଷୟରେ ସମସ୍ତ ସଦସ୍ୟ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସଦସ୍ୟ ସନ୍ତୋଷ ପ୍ରସାଦ ମିଶ୍ର, କୁନା କର୍ଣ୍ଣ, କ୍ଷେତ୍ରମୋହନ ପ୍ରଧାନ, ଗଙ୍ଗାଧର ମେହେର, ଝାରୁ ନାଏକ, ଧ୍ରୁବଚରଣ ମହାଖୁଡ, ଅନଙ୍ଗ କର୍ଣ୍ଣ, ସତ୍ୟ ମେହେର, ରବୀନ୍ଦ୍ର ମେହେର, ନିଳମଣି କଅଁର, ମାନସ ବାଘ, ମହମ୍ମଦ ୱାରିଷ ଖୁରେଶି, ଯୁବନେତା ମଣ୍ଟୁ ଗଡ଼ର୍ତିଆ, ସୁମନ୍ତ ପ୍ରଧାନ ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଂଘର ସଦସ୍ୟ ଯଶୋବନ୍ତ ନାରାୟଣ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ସୁବର୍ଣ୍ଣପୁର
ସୁବର୍ଣ୍ଣ ଲୋକ ମହୋତ୍ସବ-୨୦୨୪

"ମୁ ବି ପଢ଼ିବି, ମୁଁ ବି ବଢ଼ିବି"
"କନ୍ୟା ସନ୍ତାନଙ୍କୁ ବଞ୍ଚାନ୍ତୁ, କନ୍ୟା ସନ୍ତାନଙ୍କୁ ପଢ଼ାନ୍ତୁ"

ଆସନ୍ତୁ ସମସ୍ତେ ମିଶି କନ୍ୟା ସନ୍ତାନ ମାନଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ଲିଙ୍ଗଗତ ତାରତମ୍ୟ ଦୂର କରିବା ଏବଂ ସେମାନଙ୍କ ଭବିଷ୍ୟତ ଉନ୍ନତି ନିମନ୍ତେ କାମନା କରିବା।
୧- ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ କରିବା ନାହିଁ ଏବଂ ଏହାକୁ ପ୍ରତିରୋଧ କରିବା ।
୨- କନ୍ୟା ସନ୍ତାନମାନଙ୍କୁ ଅଧିକାର ଓ ସୁରକ୍ଷା ପ୍ରଦନା କରିବା ।
୩- କନ୍ୟା ସନ୍ତାନମାନଙ୍କୁ ପାଠ ପଢ଼ାଇବା ଏବଂ ପୁଅମାନଙ୍କ ପରି ସମାନ ସୁବିଧା ସୁଯୋଗ ଦେବା।
୪- ସମସ୍ତ କାର୍ଯ୍ୟରେ ସନ୍ତାନମାନଙ୍କ ଅଂଶଗ୍ରହଣ କୁ ପ୍ରୋତ୍ସାହିତ କରିବା ।

ବିଜୁ କନ୍ୟା ରତ୍ନ ଯୋଜନା
ସୌଜନ୍ୟ: ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସୁବର୍ଣ୍ଣପୁର

ଶ୍ରୀ ବିମଳେନ୍ଦୁ ରାୟ
ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସୁବର୍ଣ୍ଣପୁର

ଶ୍ରୀ ଚତୁର୍ଭୁଜ ଦାସ
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,
ସୁବର୍ଣ୍ଣପୁର

ସୁବର୍ଣ୍ଣ ଲୋକ ମହୋତ୍ସବ ଓ ସୁବର୍ଣ୍ଣ କୃଷି ଯନ୍ତ୍ରପାତି ମେଳା ଉପଲକ୍ଷେ ଶୁଭେଚ୍ଛା ଓ ଅଭିନନ୍ଦନ
ଚାଷୀ ଭାଇ ଭଉଣୀଙ୍କ ନିମନ୍ତେ ସୂଚନା

୧. କୃଷି ଓ ଆନୁସଙ୍ଗିକ କୃଷି ସମ୍ବନ୍ଧୀୟ ଯୋଜନାର ସୁବିଧା ସୁଯୋଗ ପାଇଁ କୃଷକ ଓଡିଶା ପୋର୍ଟାଲରେ ପଞ୍ଜିକରଣ ଓ ତଥ୍ୟ ସଂଶୋଧନ କରନ୍ତୁ।
୨. କୃଷକ ଓଡିଶା, ଗୋସୁଗମ ପୋର୍ଟାଲରେ ପଞ୍ଜିକୃତ ହୋଇ ରିହାତି ଦରରେ କୃଷି ଯନ୍ତ୍ରପାତି କ୍ରୟ କରନ୍ତୁ।
୩. ଯେଉଁ ଚାଷୀ ଭାଇ ଭଉଣୀଙ୍କର ନ୍ୟୁନତମ ୦.୫ ଏକର ଅଣ ଜଳସେଚିତ ଚାଷ ଜମି ଏବଂ କୃଷକ ପରିଚୟ ସଂଖ୍ୟା ଥିବ ସେମାନେ ଡି.ବି.ଟି. ଜଳନିଧି ଯୋଜନାରେ ପଞ୍ଜିକରଣ କରି ରିହାତି ମୂଲ୍ୟରେ ବୋରୱେଲ କରିପାରିବେ।
୪. ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ମୃତ୍ତିକା ପରୀକ୍ଷା କରି ସୁଷମ ସାର ପ୍ରୟୋଗ ସହିତ ଜୈବିକ ପଦ୍ଧତି ଅବଲମ୍ବନ କରନ୍ତୁ।
୫. କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପାଆନ୍ତୁ ଓ ସାବଲମ୍ବୀ ହୁଅନ୍ତୁ।
୬. ଅଣଧାନ ଫସଲକୁ ଫସଲ ପର୍ଯ୍ୟାୟରେ ସାମିଲ କରନ୍ତୁ ଏବଂ ସମନ୍ୱୀତ ଚାଷକୁ ଆପଣେଇ ଅଧିକ ଲାଭବାନ ହୁଅନ୍ତୁ।
୭. ଚାଷ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ପାଇଁ ଆପଣଙ୍କ ଗ୍ରାମ୍ୟ କୃଷି କର୍ମଚାରୀ କିମ୍ବା ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ସୁବର୍ଣ୍ଣପୁର

ଶୁଭେଚ୍ଛା ବାର୍ତ୍ତା

" ସୁବର୍ଣ୍ଣପୁର ଲୋକ ମହୋତ୍ସବ ୨୦୨୪" ଉପଲକ୍ଷେ ଜିଲ୍ଲାର ସମସ୍ତ ଛାତ୍ର, ଛାତ୍ରୀ, ଅଭିଭାବକ,ଅଭିଭାବିକା, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଶିକ୍ଷକ, ଶିକ୍ଷୟତ୍ରୀ,ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ବିଦ୍ୟାଳୟ ଭିତ୍ତିଭୂମି ସୁଦୃଢ଼ୀକରଣ ଓ ଛାତ୍ରଛାତ୍ରୀମାନଙ୍କ ଶୈକ୍ଷିକମାନବୃଦ୍ଧି ନିମନ୍ତେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଯଥା – ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯନ୍ତ ସମସ୍ତ ଛାତ୍ରଛାତ୍ରୀମାନଙ୍କ ଶିକ୍ଷଣକୁ" ସାମଗ୍ରିକ, ସମନ୍ୱିତ, ଅନ୍ତର୍ନିବେଶୀ, ଆନନ୍ଦଦାୟୀ ଓ ଆକର୍ଷଣୀୟ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ । ସରକାରଙ୍କ ଦ୍ୱାରା ନିଆଯାଉଥିବା ଗଠନମୂଳକ ପଦକ୍ଷେପ ଗୁଡିକରେ ଆପଣମାନଙ୍କ ସହଯୋଗ ଏକାନ୍ତ କାମ୍ୟ । ଜିଲ୍ଲାର ପ୍ରତି ପିଲା, ଏହିସବୁ ଯୋଜନାରୁ ଉପକୃତ ହେବା ସଙ୍ଗେ ସଙ୍ଗେ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ କରିବାରେ ମାଁ ସୁରେଶ୍ୱରୀ ସହାୟକ ହୁଅନ୍ତୁ ।

ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା,ସୁବର୍ଣ୍ଣପୁର

ପ୍ରବାସୀ ଶ୍ରମିକ ଆଇନର ଯେବେ କରନ୍ତି ଖିଲାପ ଠିକାଦାର କିମ୍ବା ନିଯୁକ୍ତିଦାତା ଅଛି ତାଙ୍କ ପାଇଁ ଜେଲ, ଜୋରିମାନା, ସଭିଏଁ ଏକଥା ଜାଣିବା।

ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବାସର୍ତ୍ତ) ଆଇନ୍, ୧୯୭୯, ରେ ଥିବା ସୁବିଧା ସୁଯୋଗ ଓ ଅଧିକାର
- ପ୍ରତ୍ୟେକ ଶ୍ରମିକଙ୍କୁ ଠିକାଦାର ଗୋଟିଏ ପରିଚୟ ପତ୍ର ଦେବା ଆବଶ୍ୟକ ।
- ଶ୍ରମିକ ନେବା ନିମନ୍ତେ ଠିକାଦାରଙ୍କ ଗୋଟିଏ ଅନୁମତି ପତ୍ର ବା ଲାଇସେନ୍ସ ଥିବା ନିହାତି ଆବଶ୍ୟକ ।
- ପ୍ରବାସୀ ଶ୍ରମିକ ନିଜର ନାମ, କେଉଁ ସ୍ଥାନକୁ କେତେ ଦିନ ପାଇଁ ଯିବେ, ଏବଂ ଠିକାଦାର କିମ୍ବା ସରଚ୍ଛାରେ ଯାଉଥିଲେ ଏ ସମ୍ବନ୍ଧୀୟ ସୂଚନା ଗ୍ରାମ ସରପଞ୍ଚଙ୍କୁ ଜଣାନ୍ତୁ।
- ସ୍ତ୍ରୀ କିମ୍ବା ପୁରୁଷ ଶ୍ରମିକଙ୍କୁ ସମାନ କାମ ପାଇଁ ସମାନ ମଜୁରୀ ଓ ସର୍ବନିମ୍ନ ମଜୁରୀ ନିଶ୍ଚୟ ଦିଆଯିବ।
- ଶୋଷଣର ଶିକାର ହେଲେ ସଂଗେ ସଂଗେ ସମ୍ପୃକ୍ତ ରାଜ୍ୟର ଶ୍ରମ ଅଧିକାରୀ କିମ୍ବା ସହାୟତା ହେଲ୍ପଲାଇନ୍ ନଂ. ୧୫୫୩୬୮ର ଉପଯୋଗ କରନ୍ତୁ। ଏହା ସକାଳ ୬ ଘଟିକା ଠାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟ କରେ।
- ନିଯୁକ୍ତିଦାତା ପ୍ରତିନିଧିଙ୍କ ଉପସ୍ଥିତିରେ ମଜୁରୀ ପ୍ରଦାନ କରିବା ଆବଶ୍ୟକ। ଏଇ ମଜୁରୀ ଚୁକ୍ତି ଅନୁସାରେ ଦୈନିକ, ସାପ୍ତାହିକ, ପାକ୍ଷିକ କିମ୍ବା ମାସିକ ଭିତ୍ତିରେ ଦିଆଯିବା ଉଚିତ୍ ।
- ଠିକାଦାର ଯାତାୟତ ଖର୍ଚ୍ଚ ଭତ୍ତା ଏବଂ ଖାଇବା ଖର୍ଚ୍ଚ ନିଜେ ବହନ କରିବେ ଏବଂ ଏହା ମଜୁରୀରୁ କଟାଯାଇ ପାରିବ ନାହିଁ। ଏହା ଛଡା ଠିକାଦାର ସ୍ଥାନାନ୍ତର ଭତ୍ତା ମଧ୍ୟ ଦେବେ।

ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ଅଧିକାରୀ
ସୁବର୍ଣ୍ଣପୁର

# ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଘାଟିତ





**ଥୁଆମୂଳ ରାମପୁର, ୯।୧(ସମିସ)**

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁରରେ ଉଦଘାଟିତ ହୋଇଯାଇଛି ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ୨୦୨୪ । ଥୁଆମୂଳ ରାମପୁର ବ୍ଲକ ସଦର ମହକୁମା ସ୍ଥିତ ବାବା ଖଣ୍ଡୁଆଳ ପଡ଼ିଆ ଠାରେ ଅନୁଷ୍ଠିତ ହେଉଥିବା ୨ ଦିନିଆ ଏହି ମହୋତ୍ସବକୁ ଉଦଘାଟନ କରିଛନ୍ତି ମୁଖ୍ୟଅତିଥି ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ । ଉଦଘାଟନୀ ସମାରୋହ ପୂର୍ବରୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବିଧାୟକ ଶ୍ରୀ ଦିଶାରୀ, ବିଡ଼ିଓ ଧ୍ରୁବ ଚରଣ ମୁଦୁଲି, ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ଏମ୍.ଏମ୍.ପି.ଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ସାଂସଦ ବ୍ଲକ ପ୍ରତିନିଧି ବିଷ୍ଣୁ ନାଏକ, ଜିଲ୍ଲା ପରିଷଦ ସଦସ୍ୟା ଟୁନି ଖୋସ୍ଲା(ଦୁରିଆ) ପ୍ରମୁଖଙ୍କ ସମେତ ବ୍ଲକର ବହୁ ଜନ ପ୍ରତିନିଧିଙ୍କ ସମେତ ବିଜେଡି ବ୍ଲକ ସଭାପତି କପିଳାସ ନାଏକ, ବିଜେପି ମଣ୍ଡଳ ସଭାପତି ସୁଶାନ୍ତ ନାଏକ, ଆପ୍ ବ୍ଲକ ସଭାପତି ପ୍ରଦୀପ ନାଏକ, ନବ ନିର୍ମାଣ କୃଷକ ମଞ୍ଚର ଯୁବ ନେତା ହିତେଶ ନାଏକ ଉପସ୍ଥିତ ରହି ସ୍ଥାନୀୟ ମାଁ ମାଣିକେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ସେଠାରୁ ଘୁମୁରା ଏବଂ ସଲପ୍ ବାଦ୍ୟର ସହିତ ମଶାଲ ଶୋଭାଯାତ୍ରାରେ ଆସି ମଞ୍ଚରେ ସ୍ଥାପିତ କରିଥିଲେ ।

କାର୍ଯ୍ୟକ୍ରମର ପ୍ରଥମ ଦିବସରେ ବ୍ଲକର ଗୋପାଳପୁର, ଡୁମେରପଦର, ମହୁଲପାଟଣା ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ବିଭିନ୍ନ ଲୋକନୃତ୍ୟ ସହିତ ମନୋରଞ୍ଜନ ଭିତ୍ତିକ ନୃତ୍ୟ ପ୍ରଦର୍ଶନ କରିଥିଲେ । ଏହି ମଞ୍ଚରେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ମାନିତ କରାଯାଇଛି । ଆସନ୍ତା କାଲି ତଥା ଉଦଯାପନୀ ଦିବସରେ ଜିଲ୍ଲା ତଥା ଜିଲ୍ଲା ବାହାରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସେମାନଙ୍କ ଲୋକକଳା ଏବଂ ଲୋକନୃତ୍ୟ ପ୍ରଦର୍ଶନ ହେବାର ସୂଚନା ରହିଛି ।

**ଲାଞ୍ଜିଗଡ଼:** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଗ୍ରାମପଞ୍ଚାୟତର ଲାଞ୍ଜିଗଡ଼ ହାଇସ୍କୁଲ ଖେଳ ପଡ଼ିଆ ଠାରେ ପଞ୍ଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମରା-୨୦୨୪ ମଙ୍ଗଳବାର ପାଳିତ ହୋଇଯାଇଛି । ମଙ୍ଗଳବାର ଲାଞ୍ଜିଗଡ଼ ଆରାଧ୍ୟ ଦେବତା ଭୈରବ ପୀଠରୁ ମଶାଲ ବାହାରି ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଖେଳ ପଡ଼ିଆ ସ୍ଥିତ ମଞ୍ଚକୁ ନିଆଯାଇଥିଲା । ମଶାଲ ମଞ୍ଚ ନିକଟରେ ସ୍ଥାପନ କରିଯାଇଥିଲା । ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶିବାଜୀ ମାଝୀ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଲାଞ୍ଜିଗଡ଼ ଜୋନ-୨ ଜିଲ୍ଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆ, ଜିଲ୍ଲା ପରିଷଦ ପୂର୍ବତନ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂ ଦେଓ, ଲାଞ୍ଜିଗଡ଼ ବ୍ଲକ ପୂର୍ବତନ ଏବିଇଓ ଗୋପବନ୍ଧୁ ପୁଷ୍ଟି, ଲାଞ୍ଜିଗଡ଼ ନାଏବ ସରପଞ୍ଚ ହରିକୃଷ୍ଣ ତାଣ୍ଡି, ମଧୁସୂଦନ ବାଗ, ଶ୍ରୀମୁଖ ଅଗସ୍ତି, ଲାଞ୍ଜିଗଡ଼ ପଞ୍ଚାୟତ ପିଇଓ ଭୀଷ୍ମ ମେହେର, ସାମ୍ବାଦିକ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ଘୁମରା, ହୁଲହୁଲି, ମିଉଜିକାଲ ଚେୟାର, ମହିଳା ମାନଙ୍କ ମୁରୁଜ ଝୋଟି, ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କ ନୃତ୍ୟ, ଗୀତ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ କରାଯାଇଥିଲା ।

## ଏମିତି ବି ଆସେ ମୃତ୍ୟୁ

**ଲାଞ୍ଜିଗଡ଼, ୯।୧(ସମିସ):** ଦାଣ୍ଡ ଦୁଆରେ ଠିଆ ହେଇଥିଲେ, ହଠାତ୍ ଟଳିପଡ଼ିଲେ । ପାଖପଡ଼ିଶା ଲୋକେ ଦଉଡ଼ି ଆସି ହସ୍ପିଟାଲ ନେଲେ । ତେବେ ହସ୍ପିଟାଲରେ ପହଞ୍ଚିବା କ୍ଷଣି ଡାକ୍ତର ମୃତ ଘୋଷଣା କରିଦେଲେ । ଏପରି ଏକ ଅଭାବନୀୟ ଘଟଣା ଲାଞ୍ଜିଗଡ଼ ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି । ଦୁନିଆ ବିଷୟରେ କିଛି ଜାଣିବା ଆଗରୁ, ଦୁନିଆ ଦେଖିବା ଆଗରୁ ହଠାତ୍ ଦୁନିଆ ଛାଡ଼ି ଆରପାରିକୁ ଚାଲିଯାଇଛନ୍ତି । କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ସହରର ରାମଚନ୍ଦ୍ର ପୁଝାରୀଙ୍କ



କଲେଜ ପଢ଼ୁଆ ପୁଅ ଶରତ ପୁଝାରୀ(୨୨) । ଆଜି ଦିନ ଦଶଟା ସମୟରେ ନିଜ ଘର ଦୁଆର ମୁହଁରେ ଠିଆ ହୋଇଥିବାବେଳେ ହଠାତ୍ ତଳେ ପଡ଼ିଯାଇଥିଲେ । ସେ ପଡ଼ିଯିବା ଦେଖି ପରିବାର ଓ ପାଖପଡ଼ୋଶୀ ଲୋକେ ତାଙ୍କୁ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାପରେ ଆମ୍ବୁଲାନ୍ସ ଯୋଗେ ଶବ ଘରକୁ ଅଣାଯିବା ପରେ କାନ୍ଦବୋବାଳିରେ ଘର ଫାଟିପଡୁଛି । ଭେଣ୍ଟିଆ ପୁଅର ଆକସ୍ମିକ ବିୟୋଗରେ ପରିବାର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଛନ୍ତି । ଲାଞ୍ଜିଗଡ଼ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବାବେଳେ ଅତ୍ୟନ୍ତ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଦାହସଂସ୍କାର କରାଯାଇଛି । ଶରତଙ୍କ ବିୟୋଗରେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶିବାଜୀ ମାଝୀ, କଳାହାଣ୍ଡି ପାଇକ ସମାଜର କୁଳାଧ୍ୟକ୍ଷ ଚନ୍ଦ୍ରଧ୍ୱଜ ପେସନିଆ, ଆଞ୍ଚଳିକ ବିକାଶ ପରିଷଦ ଅଧ୍ୟକ୍ଷ ଶ୍ରୀଧର ପେସନିଆ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଯୁବନେତା ହିମାଦ୍ରୀ ପେସନିଆ, ଶିଶିର ପୁଝାରୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ସାଂସଦଙ୍କ ଅରୁଚିକର ଭାଷଣକୁ କଟୁ ସମାଲୋଚନା

**ଜୁନାଗଡ଼, ୯ ।୧ (ସମିସ) :** ଜୁନାଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାର ଶେଷ ସନ୍ଧ୍ୟା ବେଶ ଚିତ୍ତାକର୍ଷକ ହୋଇଥିଲା । ଜୁନାଗଡ଼ ବିଧାୟକ ତଥା ଉତ୍ସବ କମିଟିର ସଭାପତି କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ନେତୃତ୍ୱ ପ୍ରବଳ ଜନ ସମାଗମରୁ ପ୍ରମାଣିତ ହୋଇପାରିଛି । ତେବେ ଶେଷ ସାଂସ୍କୃତିକ ସନ୍ଧ୍ୟାର ଅନ୍ୟତମ ଅତିଥି ରୂପେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ଯୋଗ ଦେଇଥିଲେ । ଶ୍ରୀ ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମରେ ଏତେ ସଂଖ୍ୟାରେ ଲୋକଙ୍କ ସମାବେଶ ଦେଖି ଅଭିଭୂତ ହୋଇ ଯାଇଥିଲେ । ଭାଷଣରେ ସାଂସଦ କ'ଣ କହିବେ ସମସ୍ତେ ଚିନ୍ତା କରୁଥିଲେ । କିନ୍ତୁ ନାଟକୀୟ ଢଙ୍ଗରେ ରାମାୟଣ ଠାରୁ ଆରମ୍ଭକରି ମହାଭାରତ ପର୍ଯ୍ୟନ୍ତ ଓ ଗୋପବନ୍ଧୁଙ୍କ ଠାରୁ ସ୍ୱାମୀ ବିବେକାନନ୍ଦଙ୍କ ଶ୍ଳୋକ ଓ ପଂକ୍ତି ଗୁଡିକୁ ନେଇ ସେ ବକ୍ତବ୍ୟ ରଖିଥିଲେ । ରାଜନୈତିକ ଦୃଷ୍ଟିରୁ ନିଜ ଉଦ୍ଦେଶ୍ୟ ସାଧନ ପାଇଁ ଯାହା ମନ ଭିତରେ କହିବା ପାଇଁ ସ୍ଥିର କରିଥିଲେ ତାହାବି ସେ କହିବାକୁ ଭୁଲିନଥିଲେ । ଭାଷଣ ପ୍ରସଙ୍ଗରେ ଏହାବି କହିଥିଲେ ଯେ ମଦର ହାଣ୍ଡି କଳାହାଣ୍ଡି । କଳାହାଣ୍ଡିରେ ମଦ ବିକ୍ରିରେ କେଉଁମାନେ ସାମିଲ ଅଛନ୍ତି ବୋଧେ ସାଂସଦ ଠିକଭାବେ ଜାଣିନାହାନ୍ତି ନା ଜାଣି ଜାଣି ଏକଥା କହିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । କାରଣ ଭାରତୀୟ ଜନତା ପାର୍ଟି ର ତୁଙ୍ଗ ନେତାଙ୍କ ପରିବାର ସଦସ୍ୟ ମାନେ ହିଁ ମଦ ଲାଇସେନ୍ସ ପାଇ ମଦ ବିକ୍ରି କରୁଛନ୍ତି । ଏବେ ଆଉ ଜଣେ ବିଜେପି ଆଶାୟୀ ପ୍ରାର୍ଥୀ ଦେଶୀ ମଦ ବେପାରରେ ଲିପ୍ତ ଅଛନ୍ତି । ଏକ ସଂସ୍କୃତି ମଞ୍ଚରେ କଳାହାଣ୍ଡିକୁ ମଦର ହାଣ୍ଡି କହି ସାଂସଦ କେତେଦୂର ଠିକ କରିଛନ୍ତି କି ଭୁଲ କହିଲେ ତାହା ସାଧାରଣରେ ସମାଲୋଚନାର ବିଷୟ ହୋଇଯାଇଛି । କଳାହାଣ୍ଡି ଜିଲ୍ଲା ଏବେ ବିକାଶଶୀଳ ଜିଲ୍ଲା ଭାବେ ଯେତିକି ନିଜର ସ୍ଥାନ ଅଧିକାର କରିଛି ଜୁନାଗଡ଼ ବ୍ଲକ ମଧ୍ୟ କଳାହାଣ୍ଡି ଜିଲ୍ଲାର ଅନ୍ୟାନ୍ୟ ବ୍ଲକ ଅପେକ୍ଷା ବିକାଶର ଶୀର୍ଷ ଛୁଇଁ ପାରିଛି । ତେଣୁ ବିରୋଧୀ କେବଳ ବାଉଳା ହୋଇ ଆକ୍ଷେପ କରିବା ଦିଗକୁ ଆପଣେଇଛନ୍ତି କି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି ।

## କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଲାଞ୍ଜିଗଡ଼, ୯।୧(ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ ସିନ୍ଧିପଦର ଗାଁର ଟୁନା ସୁନା ନାମକ ଜଣେ ଯୁବକଙ୍କର କେରଳ ରାଜ୍ୟ ମୂଲରକେରାଠାରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଖବର ମିଳିଛି । ଦାଦନ ଖଟିବାକୁ ଯାଇଥିବା ଟୁନା ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିବାବେଳେ ଅର୍ଥାଭାବ ଯୋଗୁଁ ତାଙ୍କ ଶବ ଗାଁକୁ ଫେରାଇ ଅଣାଯାଇପାରୁନାହିଁ । ଏହାକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ନିଜ ପୁଅର ଶବ ଫେରାଇ ଆଣିବାକୁ ପ୍ରଶାସନ ଓ ଶ୍ରମ ବିଭାଗ ନିକଟରେ ଟୁନାଙ୍କ ବାପା ବିଷ୍ଣୁ ସୁନା ଆକୁଳ ଗୁହାରି କରିଛନ୍ତି । ଏହି ଖବର ସ୍ଥାନୀୟ ବିଧାୟକ ଶୁଣିବା ପରେ ସରକାରଙ୍କ ସୁବିଧା ଯୋଗାଇ ଶବ ଆଣିବା ପ୍ରୟାସ ଜାରି ରଖିଛନ୍ତି ।

## ଏକସଙ୍ଗେ ମାତୃ ଓ ବୃତ୍ତିଗତ କର୍ତ୍ତବ୍ୟ ପାଳନ କଲେ ତହସିଲଦାର

**ଜୁନାଗଡ଼, ୯।୧ (ସମିସ):** ଜୁନାଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାର ଉଦଯାପନୀ ଦିବସରେ ଆୟୋଜିତ ପୁରସ୍କାର ବିତରଣୀ ସନ୍ଧ୍ୟାରେ ଅତିଥି ଭାବେ ଯୋଗ ଦେଇ ଥିବା ଜୁନାଗଡ଼ ତହସିଲଦାର ସୁରମି ସୋରେନ ନିଜର କଅଁଳା ଛୁଆକୁ କାଖେଇ ନିଜର ପ୍ରଶାସନିକ ଦାୟିତ୍ୱ ତୁଲାଇଥିବା ଦେଖିବାକୁ ମିଳିଥିଲା । ଯାହା ତାଙ୍କ ମାତୃ ବତ୍ସଳ ଓ ବୃତ୍ତି ଗତ କର୍ତ୍ତବ୍ୟ ନିଆରା ସାମଞ୍ଜସ୍ୟ ଦେଖି ଉପସ୍ଥିତ ଦର୍ଶକ ମଧ୍ୟରେ ଭାବବିହ୍ୱଳ ପରିସ୍ଥିତି ସୃଷ୍ଟି ହୋଇଥିଲା ।

## ମାଣ୍ଡିଆ ଚାଷ ସମ୍ପର୍କିତ କର୍ମଶାଳା

**ବୋଡ଼େନ, ୯।୧(ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ବାବେବୀର ଗ୍ରାମ ପଞ୍ଚାୟତ ଠାରେ ପିଡି ଆଡା ନୂଆପଡ଼ା ଓ ୱାସନ ସହଯୋଗରେ ପଲ୍ଲୀ ବିକାଶ ଅନୁଷ୍ଠାନ ଚଲାନପଡ଼ା ଦ୍ୱାରା ମାଣ୍ଡିଆ ଚାଷ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବୋଡ଼େନ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୦୦ ରୁ ଅଧିକ ଚାଷୀ ଉପସ୍ଥିତ ଥିଲେ । ପଲ୍ଲୀ ବିକାଶ ସମ୍ପାଦକ ସୁରେଶ କୁମାର ରାଉତ, ସହ ସମ୍ପାଦକ ଦୁଷ୍ମନ୍ତ ରାଉତ, ଦୁଆର୍ଶିନି ମିଲେଟ ଫାର୍ମରସ ର ଡ଼ାଇରେକ୍ଟର ଯଶୋବନ୍ତ ବାଗ, କୃଷିବିଭାଗର ଏଓ ଦେବବ୍ରତ ସାହୁ ଓ ଜୟଦେବ ଦାସ ଉପସ୍ଥିତ ରହି ଚାଷୀଙ୍କ ସହ ମିଲେଟ ମିଶନ ର ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ସିଆରପି ଚିତ୍ର, ଉକଲୁ, ଚତୁର, ରତନ, ବ୍ଲକ ସମ୍ପାଦକ ତରୁଣ ଶା ସହଯୋଗ କରିଥିଲେ ।

## ଗଞ୍ଜେଇ ଚୋରା ଚାଲାଣ, ପେଟ୍ରୋଲ ପମ୍ପ୍ ମାଲିକ ଗିରଫ

**କଲମପୁର, ୯।୧(ସମିସ) :** ଟ୍ରକରେ ୭୦ କ୍ୱିଣ୍ଟାଲ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ମଧ ପ୍ରଦେଶ ଶିଉର୍ ଜିଲ୍ଲା ଭେରୁନ୍ଦା ଥାନା ପୁଲିସ ବାନେର ଝାଙ୍କରପଡ଼ାସ୍ଥିତ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ମାଲିକ କାଳିଆ କାଣ୍ଡଙ୍କୁ ନିଜ ପେଟ୍ରୋଲ ପମ୍ପରୁ ଗିରଫ କରିଛି । ଭେରୁନ୍ଦା ଥାନା କେଶ ନମ୍ବର ୫୭୧/୨୪ ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି । ସେ ବହୁ



ଦିନ ଆଗରୁ ବିଭିନ୍ନ ବ୍ୟବସାୟରେ ସଂଶ୍ଳିଷ୍ଟ ହୋଇ କାର୍ଯ୍ୟ କରୁଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଜିଲ୍ଲାସ୍ତରୀୟ କମିଟି ବୈଠକ

**ବୌଦ୍ଧ, ୯।୧ (ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ପର୍କିତ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ । ବିଭିନ୍ନ ବିଭାଗର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆସିଥିବା ଆବେଦନ ପତ୍ର ସବୁ ଯାଞ୍ଚ କରାଯାଇ ରାଜ୍ୟ ସ୍ତରୀୟ କମିଟିକୁ ପଠାଯାଇଥିବା ଜଣାପଡ଼ିଛି । ବିଦ୍ୟାଳୟ, ପ୍ରଧାନ ଶିକ୍ଷକ, ପୁରାତନ ଛାତ୍ରଛାତ୍ରୀ କମିଟି, ଗ୍ରାମ ପଞ୍ଚାୟତ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଆଦି 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପାଇଁ ଅନେକ ଆବେଦନ ପତ୍ର ଆସିଥିବା ବେଳେ ରାଜ୍ୟସ୍ତରୀୟ କମିଟିରେ ଏହି ଆବେଦନର ଯାଞ୍ଚ କରାଯାଇ ପୁରସ୍କାର ଚୟନ କରାଯିବ । ସୂଚନାଯୋଗ୍ୟ, ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ମେଧାବୀ ଛାତ୍ରଛାତ୍ରୀ, ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଶିକ୍ଷକ-ଶିକ୍ଷୟିତ୍ରୀ, ଶିକ୍ଷା ପ୍ରଶାସକ, ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ବ୍ୟକ୍ତିବିଶେଷ ଓ ବିଭିନ୍ନ ଅନୁଷ୍ଠାନକୁ ଏହି ପୁରସ୍କାର ମିଳିବ ।

### ୱାଇଏମସି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଫରେଷ୍ଟ ଭିଲାଇ

**ନୂଆପଡ଼ା, ୯।୧(ସମିସ):** ସ୍ଥାନୀୟମିନିଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ୱାଇଏମସି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲଖେଳରେ ମଙ୍ଗଳବାର ଦିନ ଫରେଷ୍ଟ ଭିଲାଇ ଦଳ ରାଇଜିଂ ଷ୍ଟୁଡେ କଟକ ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ଦ୍ୱିତୀୟ ସେମିଫାଇନାଲ ଖେଳକୁ ପୂର୍ବାହ୍ନରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା ଦୀପ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ କାର୍ତ୍ତିକ ଦୀପ, ଠିକାଦାର ସଂଘ ତରଫରୁ କ୍ଷୀରୋଦ ପାଢ଼ୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ବିଜେଡି ସଭାପତି ମନୋଜ କୁମାର ମିଶ୍ର ମୁଖ୍ୟଅତିଥି, କାଳିଆ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଭିଲାଇ ଦଳର ମନୋଜ ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ବୁଧବାର ଦିନ ଫରେଷ୍ଟ ଭିଲାଇ ଏବଂ ଇଷ୍ଟକୋଷ୍ଟ ରେଳବାଇ ଖୋର୍ଦ୍ଧା ମଧ୍ୟରେ ଫାଇନାଲ ଖେଳ ହେବ ।

## ମହିଳାଙ୍କ ମଦବିରୋଧୀ ଅଭିଯାନ



**ସଇଁତଲା, ୯।୧(ସମିସ):** ବଲାଙ୍ଗୀର ଜିଲ୍ଲା ସଇଁନ୍ତଲା ବ୍ଲକ କନ୍ଧକେଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିରାଟକାନି ଗାଁରେ ବେଆଇନ ଭାବେ ମଦ ବିକ୍ରି ଚାଲିଥିବାରୁ ଏହାର ତୀବ୍ର ପ୍ରତିବାଦ କରିଛନ୍ତି ମହିଳାମାନେ । ଉକ୍ତ ଗ୍ରାମରେ ଦୀର୍ଘ ଦିନ ଧରି ମଦ ବିକ୍ରି ହେଉଥିବାରୁ ଅଞ୍ଚଳରେ ଚୋରି, ଡକାୟତି ଘଟିବା ସହିତ ଅନେକ ବ୍ୟକ୍ତି ମଦ୍ୟପାନ କରି ପରିବାରରେ ଅଶାନ୍ତି ସୃଷ୍ଟି କରୁଛନ୍ତି । କିଛି ଅସାଧୁ ବ୍ୟକ୍ତି ଚୋରାରେ ମଦ ବିକ୍ରି କରୁଥିବା ଜଣାପଡ଼ିଛି । ଗ୍ରାମକୁ ନିଶାମୁକ୍ତ କରିବା ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଏକଜୁଟ ହୋଇ ମଙ୍ଗଳବାର ଏହାର ତୀବ୍ର ପ୍ରତିବାଦ କରିଛନ୍ତି । ଏପରିକି ଗାଁର ୱାର୍ଡମେମ୍ବର ଶଙ୍କର ନାଗ ଗ୍ରାମରେ ଏକ ସଭା କରି ଯିଏ ଗାଁରେ ମଦ ବିକ୍ରି କରିବ ତାକୁ ମାଁ ମାନେ ଓ ଗ୍ରାମବାସୀ ପୁଲିସ ପ୍ରଶାସନକୁ ଜଣାଇବା ସହ ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି ।

## ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଗାଇଖାଇ

**ବଲାଙ୍ଗିର/ଲୋଇସିଂହା, ୯।୧(ସମିସ):** ଖୁବ କମ ସମୟ ମଧ୍ୟରେ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି ଗାଇଖାଇ । ଜିଲ୍ଲା ତଥା ଜିଲ୍ଲା ବାହାରର ପର୍ଯ୍ୟଟକଙ୍କ






ପାଇଁ ଏହା ଆର୍କଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ରୂପାନ୍ତରଣର ସ୍ପର୍ଶରେ ନୂଆରୂପ ପାଇବାର କିଛି ଦିନ ମଧ୍ୟରେ ଏକ ଚର୍ଚ୍ଚିତ ପର୍ଯ୍ୟଟନସ୍ଥଳୀ ଭାବରେ ରେକର୍ଡସଂଖ୍ୟକ ରାଜସ୍ୱ ସଂଗ୍ରହ ହୋଇଥିବା ଜଣାପଡ଼ିଛି । ଉଦଘାଟନର ମାତ୍ର ଦୁଇ ମାସ ମଧ୍ୟରେ ଗାଇଖାଇରୁ ଦଶ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରାଜସ୍ୱ ସଂଗ୍ରହ କରିଛି ବନ ବିଭାଗ ।

ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ତାଲିକାରେ ଗାଇଖାଇ ପ୍ରକଳ୍ପ ସାମିଲ ରହିଥିଲେ ହେଁ ଏହାର ବିକାଶ ହୋଇପାରୁ ନ ଥିଲା । ଗତବର୍ଷ ରାଜ୍ୟ ସରକାରଙ୍କ ଉଦ୍ୟମରେ ଏହି ଜଳସେଚନ ପ୍ରକଳ୍ପର ଉନ୍ନତିକରଣ କାମ ଆରମ୍ଭ ହୋଇଥିଲା । ପ୍ରଥମେ ଏହାକୁ ଇକୋ ଟୁରିଜିମ୍‌ରେ ସାମିଲ କରି ୭୩ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା । ଏଥିରେ ବୋଟିଂ ବ୍ୟବସ୍ଥା କରାଯିବା ସହ ବିଦ୍ୟୁତୀକରଣ, ରେଷ୍ଟ ହାଉସ ଉନ୍ନତିକରଣ କାମ, ଡିଜିଟାଲ ଟିକେଟ ଘର, ଶୌଚାଳୟ ସହ ଅନ୍ୟ ବ୍ୟବସ୍ଥା କରାଯାଇଥିଲା ।

**ଦୁଇ ମାସରେ ମିଳିଛି ୧୦ଲକ୍ଷ ଟଙ୍କା ରାଜସ୍ୱ**

**ଆସିବ ଆଉ ଏକ ସ୍ପିଡ୍‌ବୋଟ୍**

ଡ୍ୟାମ ଭିତରେ ବୋଟିଂ ବ୍ୟବସ୍ଥା କରିବା ସହିତ ପର୍ଯ୍ୟଟକଙ୍କ ପାଇଁ ଅନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ବଲାଙ୍ଗିର ବନ ବିଭାଗ ତତ୍ତ୍ୱାବଧାନରେ ଏହି ସବୁ କାମ ତ୍ୱରାନ୍ୱିତ ହୋଇଥିଲା । ଗତବର୍ଷ ନଭେମ୍ବର ମାସ ୫ ତାରିଖରେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ବଲାଙ୍ଗିର ଗସ୍ତରେ ଆସି ପ୍ରକଳ୍ପର ଉଦଘାଟନ କରିଥିଲେ । ଇତି ମଧ୍ୟରେ ପ୍ରକଳ୍ପ ଉଦଘାଟନକୁ ଦୁଇ ମାସ ପୂରିଛି । ହେଲେ ଦୁଇ ମାସ ମଧ୍ୟରେ ଗାଇଖାଇରୁ ୧୦ ଲକ୍ଷ ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଛି । ଗତ ନଭେମ୍ବର ମାସରେ ୪ ଲକ୍ଷ ୮ ହଜାର ୬୨୦ ଟଙ୍କା ମିଳିଥିବା ବେଳେ ଡିସେମ୍ବରରେ ୬ ଲକ୍ଷ ୫୯ ହଜାର ୯୧୦ ଟଙ୍କା ରାଜସ୍ୱ ମିଳିଛି । ଗମନାଗମନ ସାଙ୍ଗକୁ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିବାରୁ ବଣଭୋଜି କରିବାକୁ ଦୂରଦୂରାନ୍ତରରୁ ଲୋକେ ଆସୁଛନ୍ତି । ଗାଇଖାଇରେ ବୁଲି ପ୍ରାକୃତିକ ମନୋରମ ପରିବେଶକୁ ଉପଭୋଗ କରିବା ସହିତ ବୋଟିଂର ମଜା ନେଉଛନ୍ତି । ପର୍ଯ୍ୟଟକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଉ ଏକ ସ୍ପିଡ ବୋଟ ଆଣିବାକୁ ନିଷ୍ପତ୍ତି ନିଆଯାଇଛି । ଖୁବ କମ ସମୟ ମଧ୍ୟରେ ଗାଇଖାଇ ରାଜ୍ୟର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭାବରେ ନା କରିପାରିଛି । ଏହି ସଫଳତା ପାଇଁ ରାଜ୍ୟ ସରକାର ଓ ବଲାଙ୍ଗିର ବନଖଣ୍ଡ ଅଧିକାରୀ ନୀତିଶ କୁମାରଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି ।

### ■ ପୌର ପରିଷଦ ସମୀକ୍ଷା ବୈଠକ

## ଭୂମିହୀନଙ୍କୁ ଶୀଘ୍ର ଜମିପଟ୍ଟା ପ୍ରଦାନ ଉପରେ ଗୁରୁତ୍ୱ

**ବଲାଙ୍ଗିର, ୯।୧(ସମିସ):** ବଲାଙ୍ଗୀର ପୌର ପରିଷଦ ସମୀକ୍ଷା ବୈଠକରେ ବିଧାୟକ ନରସିଂହ ମିଶ୍ର ମହାରାଣୀ ସାଗର, ଲକ୍ଷ୍ମୀଯୋର ଅଞ୍ଚଳର ଗରିବ ଲୋକମାନଙ୍କୁ ପଟ୍ଟା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଲକ୍ଷ୍ମୀଯୋରରେ ମଇଳା ପାଣି ଓ ବର୍ଜ୍ୟବସ୍ତୁ ପଡୁଛି । ସେ ସବୁ ଯେମିତି ନ ପଡ଼ିବ ଏବଂ ନିୟମିତ ଭାବରେ ଲକ୍ଷ୍ମୀଯୋର ସହ ସହରର ମଧ୍ୟରେ ଥିବା ଡ୍ରେନ ଗୁଡିକ ସଫା କରାଯିବ ସେ ଉପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରାଯାଉ ବୋଲି ଶ୍ରୀ ମିଶ୍ର କହିଥିଲେ । ଏହାସହ ପୌର ପରିଷଦ ତରଫରୁ ଗରିବ ଲୋକ ପାଉଥିବା ବିଭିନ୍ନ ଯୋଜନାରେ ଯେମିତି



କୌଣସି ଦୁର୍ନୀତି ନ ହେବ ସେ ଉପରେ ବିଶେଷ ଧ୍ୟାନ ଦେବା ପାଇଁ ଅଧିକାରୀମାନଙ୍କୁ ବିଧାୟକ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ ବିଧାୟକଙ୍କ ପ୍ରତିନିଧି ଅଜୟ ବାଲି, ପୌର ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ଅନ୍ୟାନ୍ୟ ପୌର ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟା

## ମଞ୍ଚସ୍ଥ ହେଲା କୋଶଲୀ ନାଟକ 'ତୋର ପାର କେ ମୋର ପାହା'

**ବଲାଙ୍ଗିର, ୯।୧(ସମିସ)**

ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡ଼ିଆରେ ସର୍ବଭାରତୀୟ ନାଟ୍ୟ ମହୋତ୍ସବ ମଠଖାଇ ମହୋତ୍ସବ ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସ୍ଥାନୀୟ ବରପାଲି ଭାରତୀ ନୃତ୍ୟକଳା ପରିଷଦ ତରଫରୁ ଘୁଡ଼କା ନୃତ୍ୟ ଓ ନିତୁଆପଡ଼ା ଉତ୍ତର ସାହିର କଳାକାର ମାନଙ୍କ ଦ୍ୱାରା ଛଉ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ନାଟ୍ୟ ନିର୍ଦ୍ଦେଶକ ଦିବଙ୍ଗତ ହରିହର ମିଶ୍ରଙ୍କ ଉଦ୍ଦେଶ୍ୟରେ ମଞ୍ଚ ସମର୍ପଣ କରାଯାଇଥିଲା । ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, କଟକର କୁଳପତି କମଲଜିତ ସିଂ, ଜିଲ୍ଲା ବନଖଣ୍ଡ ଅଧିକାରୀ ନିତୀଶ କୁମାର ଓ ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ମଞ୍ଚାସୀନ ଥିଲେ । ପୁରୁଖା କ୍ରୀଡ଼ାବିତ ଅନୁପ କୁମାର ସାହୁଙ୍କୁ ମଠଖାଇ ସମ୍ମାନ ପ୍ରଦାନ




କରଯାଇଥିଲା । ସଭା କାର୍ଯ୍ୟପରେ ଅବର୍ଣ୍ଣିଗୁଁଡ଼ା ନାଟ୍ୟ ସଂସଦ ପଦ୍ମପୁରର କଳାକାରମାନଙ୍କ ଦ୍ୱାରା ଅଶୋକ କୁମାର ବହିଦାରଙ୍କ ରଚିତ ଓ ନିର୍ଦ୍ଦେଶିତ କୋଶଲୀ ନାଟକ 'ତୋର ପାରକେ ମୋର ପାହା' ପ୍ରଦର୍ଶିତ ହୋଇଥିଲା । ନାଟକରେ ଯୁବାବସ୍ଥାରୁ ବୟସର ସାୟାହ୍ନ ଯାଏ ଡ଼ାଲଖାଇ ନୃତ୍ୟଶିଳ୍ପୀ ରଏବାରୀ ଓ ଢୋଲ ବାଦକ ଅରକ୍ଷିତର କଳାକୁ ନେଇ ହିଁ ନିବିଡ଼ ସମ୍ପର୍କ । ଏହି ସମ୍ପର୍କକୁ ନେଇ ଅନେକ ଝଡ଼ ଉଠେ ଦୁହିଁଙ୍କ ଜୀବନରେ । ଘଟଣାକ୍ରମେ ଗ୍ରାମ୍ୟ ଜୀବନର ରକ୍ଷଣଶୀଳତା ଓ ସାମାଜିକ କଟକଣା ଯୋଗୁଁ ରଏବାରୀକୁ ସଂସାର କରିବାକୁ ସୁଯୋଗ ମିଳେନାହିଁ । ଅରକ୍ଷିତ ବାହା ହୁଏ ସତ, ହେଲେ ଅଦାରୁ ତା ସ୍ତ୍ରୀ ତାକୁ ଛାଡ଼ି ଆରପାରିକୁ ଚାଲି ଯାଏ । ପରବର୍ତ୍ତୀ ସମୟର ତାଳେତାଳେ ରଏବାରୀ ଓ ଅରକ୍ଷୀତଙ୍କର ସମ୍ପର୍କ ନିବିଡ଼ ହୋଇଛି । ଘଟଣାକ୍ରମରେ ଅନେକ ଉତ୍ଥାନପତନ ଦେଇ ଗତି କରିଛନ୍ତି ସେମାନେ । ଏପରି ଏକ ହୃଦୟସ୍ପର୍ଶୀ କାହାଣୀକୁ ଜୀବନ୍ତ ଭାବରେ ପରିବେଷଣ କରି ଦର୍ଶକଙ୍କ ମନ ଛୁଇଁ ନେଇଥିଲେ ନାଟକରେ ଅଭିନୟ କରିଥିବା କଳାକାର । ସାଂସ୍କୃତିକ ସଭାକୁ ବ୍ୟାସଦେବ ନନ୍ଦ ପରିଚାଳନା କରିଥିବା ବେଳେ ବିଜୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ସକାଳ THE SAKALA



## ୨୩ରୁ ପାରମ୍ପରିକ ଲୋକକଳା ମାଧ୍ୟମରେ ସୂଚନା ଓ ଯୋଗାଯୋଗ ଅଭିଯାନ

# ରାଜ୍ୟ ସରକାରଙ୍କ ୧୫ଟି ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବେ କଳାକାର

**ବରଗଡ଼, ୯।୧(ସମିସ)**

ବରଗଡ଼ ସଂସ୍କୃତି ବିଭାଗ ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୂଚନା, ଶିକ୍ଷା, ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ ଉପରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଲଲାଟ ଲୁହା ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ୧୫ଟି ସରକାରୀ ଯୋଜନାକୁ ଲୋକ କଳା ମାଧ୍ୟମରେ ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ଲୋକଙ୍କୁ ଅବଗତ କରାଇବେ। ପାଲା, ଦାସକାଠିଆ, କରମ ସାନି, ଘୁଡୁକା, ସମ୍ବଲପୁରୀ ନୃତ୍ୟ, ଦୁଲ୍‌ଦୁଲି ବାଜା ଇତ୍ୟାଦି ମାଧ୍ୟମରେ ଲୋକଙ୍କୁ ସରକାରଙ୍କ ତରଫରୁ ଦିଆ ଯାଉଥିବା ସମସ୍ତ ଯୋଜନାକୁ ଅବଗତ କରାଇବେ। ଏ ସମ୍ପର୍କରେ ଆଜି ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶ, ପାଇକମାଲ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସିନ୍ହା, ତପସ୍ୱିନୀ ଗୁରୁ, ଲାଙ୍ଗରା ଦାସ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନସନ ଯୋଜନା, ମମତା ଯୋଜନା, ମିଶନ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫସଲ ବୀମା ଯୋଜନା, ଫସଲ ଋଣ ରିହାତି, ଆମ ହସ୍ପିଟାଲ, କ୍ରୀଡା, ୫ଟି ହାଇସ୍କୁଲ ରୂପାନ୍ତରୀକରଣ, ଆମ ଓଡ଼ିଶା ନବୀନ ଓଡ଼ିଶା, ଆମ ବ୍ୟାଙ୍କ, ଲକ୍ଷ୍ମୀ ବସ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଐତିହ୍ୟକ୍ଷେତ୍ର ବିକାଶ ଯୋଜନା ବିଷୟରେ ସମସ୍ତ କଳାକାର କିପରି ଲୋକଙ୍କୁ ଅବଗତ କରାଇବା ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଆସନ୍ତା ଜାନୁଆରୀ ୨୩ରୁ ଫେବୃଆରୀ ୨୦ ପର୍ଯ୍ୟନ୍ତ କଳାକାରମାନେ ନିଜ ନିଜର ଲୋକ କଳା ମାଧ୍ୟମରେ ପ୍ରତ୍ୟେକ ଗ୍ରାମକୁ ଯାଇ କଳା ମାଧ୍ୟମରେ ଜଣାଇବେ। ଜିଲ୍ଲା କଳା ସଂସ୍କୃତି ସଙ୍ଘ ଉପ ସଭାପତି ଅମୃତ ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




## ଡେବ୍ରିଗଡ଼ରେ କ୍ରିଷ୍ଣା ବିକାଶ ଛାତ୍ରଛାତ୍ରୀଙ୍କ 'ୱାଇଲ୍ଡରନେସ୍ କ୍ୟାମ୍ପ'




**ବରଗଡ଼, ୯।୧(ସମିସ):** ବରଗଡ଼ସ୍ଥିତ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରଥମ ଥର ପାଇଁ ୪ଦିନ ଧରି ହେବାକୁ ଥିବା 'ୱାଇଲ୍ଡରନେସ୍ କ୍ୟାମ୍ପ'ରେ ଯୋଗଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବିଦ୍ୟାଳୟର ୧୨୫ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଡେବ୍ରିଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି। ଆସନ୍ତା ୧୧ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରା ଆରମ୍ଭ ହେବ। କେନ୍ଦ୍ର ସରକାରଙ୍କ ତରଫରୁ ଭାରତଦର୍ଶନ ଯୋଜନାକୁ ସଫଳ କରିବା ପାଇଁ ବିକାଶ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ପ୍ରୟାସ କରାଯାଇଛି। ଦିଲ୍ଲୀର ପ୍ରତିଷ୍ଠିତ ଆୟୋଜକ 'ନ୍ୟୁ ହରାଇଜନ୍'ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଏହି ରହଣି ସମୟରେ ନୌଚାଳନା, ପର୍ବତାରୋହଣ, ସାଇକେଲ ଚାଳନା, ତମ୍ବୁ ଭିତରେ ରାତ୍ରିରହଣି ଆଦି ଦୁଃସାହସିକ କାର୍ଯ୍ୟକ୍ରମର ନୂତନ ଅନୁଭବ ପାଇପାରିବେ। କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମେନ୍ ଡି ମୁରଲୀ କ୍ରିଷ୍ଣା ଏବଂ ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଦୁଃସାହସିକ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହେବାକୁ ଯାଉଛି। ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଓ ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଶୁଭକାମନା ଜଣାଇଥିଲେ।

## ପଦ୍ମପୁରର ପ୍ରଥମ ଅତିରିକ୍ତ ଜିଲ୍ଲାପାଳଙ୍କ ଯୋଗଦାନ

**ପଦ୍ମପୁର ୯।୧ (ସମିସ):** ପଦ୍ମପୁରରେ ପ୍ରଥମ ଅତିରିକ୍ତ ଜିଲ୍ଲାପାଳ ଭାବରେ କୁଣାଲ ଚହ୍ୱାନ ଯୋଗଦାନ କରିଛନ୍ତି।



ଅଞ୍ଚଳର ଉନ୍ନୟନ କାମରେ ବିକାଶଧାରାକୁ ଆଗେଇ ନେବା ପାଇଁ ସରକାର ପ୍ରଥମ କରି ଜଣେ ଆଇଏଏସ ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ପୂର୍ବରୁ ସେ ବାଲେଶ୍ୱରର ଉପଜିଲ୍ଲାପାଳ ଭାବରେ ଦକ୍ଷତାର ସହ କାମ କରି ସୁନାମ ଅର୍ଜନ କରିଥିଲେ। ତାଙ୍କର ଯୋଗଦାନ ପରେ ସମସ୍ତ କର୍ମଚାରୀ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ।

## ବନ୍ଧୁକ ଦେଖାଇ ୫ ଲକ୍ଷ ଟଙ୍କା ଲୁଟ୍

**ଅତାବିରା, ୯।୧ (ସମିସ):** ୫୩ ନମ୍ବର ଜାତୀୟ ରାଜପଥ ଦେବାହାଲ ତାଜଟିକ୍ରା ମଧ୍ୟରେ ୪ଜଣ ଦୁର୍ବୃତ୍ତ ୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ରେଙ୍ଗାଲି କ୍ୟାମ୍ପଠାରେ ଥିବା ଏସ୍‌ବିଆଇ ଜନସେବା କେନ୍ଦ୍ର ଅଧିକାରୀ ରିଙ୍କୁ ପ୍ରଧାନ ପ୍ରତିଦିନ ଭଳି ମଙ୍ଗଳବାର ନିଜ ବାଇକ୍‌ରେ ବରାହଗୁଡ଼ା ଯାଉଥିବା ବେଳେ ୪ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇ ତାଙ୍କଠାରୁ ୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ବାବଦରେ ତଦନ୍ତ ଚାଲିଥିବା ଅତାବିରା ଥାନା ଆଇଆଇସି ସୁକୁମାର ତ୍ରିପାଠୀ କହିଛନ୍ତି।

## ପଞ୍ଚମୁଖୀ ହନୁମାନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ

**ଗୁଦେରପାଲି, ୯।୧(ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ବ୍ରାହ୍ମଣ ପଡ଼ା ଠାରେ ଭାଇଚାରାର ମହାମିଳନରେ ପଞ୍ଚମୁଖୀ ହନୁମାନ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ପ୍ରତିଷ୍ଠାତା ସହଦେବ ଦେବତା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ମୃତ୍ୟୁଞ୍ଜୟ ହୋତା ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ଟି ୨୧ଫୁଟ ଉଚ୍ଚତା ଏବଂ ୧୫ଫୁଟ ଚଉଡାରେ ନିର୍ମାଣ ହେବ। ଶିକ୍ଷାବିତ ବିଶ୍ୱେଶ୍ୱର ଦେବତା, ସ୍ଥାନୀୟ ସରପଞ୍ଚ ରାମଚନ୍ଦ୍ର ପାତ୍ର, ଚାଷୀନେତା କିଶୋର ଚନ୍ଦ୍ର ଦେବତା, ହୀରାଧର ପଧାନ, କିଶୋର ପାତ୍ର, ଭୂମିଦାନ କରିଥିବା ବିଜୟ ବାରିକଙ୍କ ସମେତ ଗୁଦେରପାଲି ଗ୍ରାମବାସୀ ଉପସ୍ଥିତ ଥିଲେ।

## କ୍ୟାନସର ରୋଗୀଙ୍କୁ ପ୍ରଶାସନର ସହାୟତା

**ପଦ୍ମପୁର ୯।୧ (ସମିସ):** ପଦ୍ମପୁର ଉପଖଣ୍ଡ ବୈତାଳଭଟା ଗ୍ରାମର ମହେଶ ବେହେରା ଗତ ୧୭।୫।୨୦୨୩ରେ ମୁଖଗହ୍ୱର କ୍ୟାନସରରେ ପୀଡିତ ହୋଇଥିବା ଡାକ୍ତରଙ୍କ ଠାରୁ ଜାଣିଥିଲା। ଫଳରେ ସେ କ୍ୟାନସର ଚିକିତ୍ସାଳୟର ପରାମର୍ଶକ୍ରମେ ୬ଥର କେମୋଥେରାପି ଓ ୩୩ ଥର ରେଡିଓଗ୍ରାଫି କରାଇଥିଲେ। ଆର୍ଥିକ ଅବସ୍ଥା ଠିକ୍ ନ ଥିବାରୁ ବୈତାଳଭଟାରୁ ତା'ର ଶଶୁର ଘର କନସିଂହା ନିକଟସ୍ଥ ସିଂହିମୁଣ୍ଡା ଗ୍ରାମରେ ରହୁଥିଲେ। ଖବରଟି ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ପ୍ରଶାସନ ମହେଶ ଘରକୁ ପହଞ୍ଚିଥିଲା। ଜିଲ୍ଲାପାଳ ମୋନୀଷା ବାନାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ଇମରଜେନ୍ସି ଅଫିସର ପ୍ରଜ୍ଞାନନ୍ଦନ ଗିରି ସମ୍ପୃକ୍ତ ରୋଗୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨୫ହଜାର ସହାୟତା ରାଶି ଦେଇଛନ୍ତି। ଏଥିପାଇଁ ମହେଶଙ୍କ ସ୍ତ୍ରୀ ସୁନିତା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

## ଅଜଣା ଶବ ସତ୍କାର କଲା ସଂକଳ୍ପ ପରିବାର

**ବରଗଡ଼, ୯।୧ (ସମିସ):** ଗତ ୪ ଜାନୁଆରୀ ଦିନ ଅତାବିରା ପୁଲିସ ରାତ୍ରି ପାଟ୍ରୋଲିଂ କରୁଥିବା ସମୟରେ ଦେବାହଲ ଛକ ୫୩ ନମ୍ବର ଜାତୀୟ ରାଜ ପଥ କଡରେ ଏକ ଅଜଣା ବ୍ୟକ୍ତିଙ୍କ ମୃତ ଶରୀର ପଡ଼ିରହିଥିବା ଖବର ପାଇଥିଲେ। ପୁଲିସ ଶବ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବ ସଂରକ୍ଷଣ ଗୃହରେ ରଖିଥିଲା। ମୃତ ବ୍ୟକ୍ତିର କୌଣସି ପରିଚୟ ମିଳି ପରିନଥିବାରୁ ଶବ ସତ୍କାର କରିବା ପାଇଁ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରକୁ ଲିଖିତ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲା। ସୂଚନା ପାଇବା ପରେ ସଂକଳ୍ପ ପରିବାର ତରଫରୁ ନିଳେସ ପଧାନ, ଅନନ୍ତ ସାହୁ, ଆଲୋକ ସାହୁ, ପ୍ରତ୍ୟୁଷ ସରଙ୍ଗୀ, ସ୍ୱପ୍ନେସ ପଧାନ ପ୍ରମୁଖ ଯାଇ ସସମ୍ମାନ ର ସହିତ ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ଶବ ସତ୍କାର କରିଥିଲେ। ଜିଲ୍ଲାପାଳ ମନିଷା ବାନାର୍ଜୀ ସଂକଳ୍ପ ପରିବାର ର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଡାକ୍ତରଖାନା ନବୀକରଣ କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ

**ବରଗଡ଼, ୯।୧ (ସମିସ):** ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଦୃଷ୍ଟି ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ଜିଲ୍ଲାପାଳ ମନିଷା ବାନାର୍ଜୀ ଦୃଢ଼ ଇଚ୍ଛାଶକ୍ତି ଫଳରେ ଆଜି ଏକ ଉନ୍ନତମାନର ଚିକିତ୍ସା ସୁବିଧା ପାଇବାକୁ ଯାଉଛନ୍ତି ବରଗଡ଼ ସହରବାସୀ। ବରଗଡ଼ ସହର ମଧ୍ୟରେ ରହିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ତ୍ତମାନ ଉନ୍ନତି ମୂଳକ କାର୍ଯ୍ୟ ଚାଲିଥିବା ବେଳେ ଆଜି ଚିକିତ୍ସାଳୟ ପରିଦର୍ଶନରେ ପହଞ୍ଚି ଯାଇଥିଲେ ବରଗଡ଼ ଜିଲ୍ଲାପାଳ ମନୀଷା ବାନାର୍ଜୀ। ବରଗଡ଼ ସହର ମଧ୍ୟରେ ରହିଥିବା ସର୍ବ ପୁରାତନ ଚିକିତ୍ସାଳୟ ବର୍ତ୍ତମାନ ରାଜ୍ୟ ସରକାରଙ୍କ ୫-ଟି ଅଧିନରେ ସାମିଲ ହେବା ପରେ ଜୋରସୋର ରେ ଚାଲିଛି ଚିକିତ୍ସା ଭିତ୍ତିଭୂମି ସୁଦୃଢ଼ କରିବା କାର୍ଯ୍ୟ। ଡାକ୍ତରଖାନା ପରିସର ରେ ମିଶନ ଶକ୍ତି କାଫେ, ଚବିଶ ଘଣ୍ଟିଆ ଔଷଧ ବିତରଣ କେନ୍ଦ୍ର, ରୋଗୀଙ୍କ ଆଟାଡାଣ୍ଟ ପାଇ ସେଡ, ଆହାର କେନ୍ଦ୍ର, ସହ ଆହୁରି ଅନେକ କାର୍ଯ ଖୁବ୍ ଜୋର୍ ସୋର୍ ରେ ନିର୍ମାଣ କାର୍ଯ ଚାଲିଛି। ଆଜି ଜିଲ୍ଲାପାଳ ଚିକିତ୍ସାଳୟ ରେ ପହଞ୍ଚି ସମସ୍ତ ଉନ୍ନତିକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଚିକିତ୍ସାଳୟ ପରିସର ରେ ଉନ୍ନତ ଧରଣର ଲ୍ୟାବ, ଏକ୍ସ-ରେ କୋଠରି, ପ୍ରସୂତି ବିଭାଗ ସହିତ ଚିକିତ୍ସାଳୟ ଭିତ୍ତିଭୂମି ସୁନ୍ଦର ଓ ଉନ୍ନତ କରିବାରେ ଅନେକ ନୂତନ ପଦକ୍ଷେପ ମାନ ଗ୍ରହଣ କରାଯାଇଛି। ଡିପିଏମ ସଞ୍ଜୀବ ଦାଶ, ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ଅରୁଣ ପାଣ୍ଡେ ଙ୍କ ସମେତ ବହୁ ବିଶିଷ୍ଟ ଅଧିକାରୀ ଉପସ୍ଥିତ ଥିଲେ। ସବୁକିଛି ଅତି ସୁନ୍ଦର ସହିତ ସୁରୁଖୁରୁରେ ଚାଲିଥିବାରୁ ଖୁସିବ୍ୟକ୍ତ କରିଥିଲେ।



## ଡାକ୍ତର ସ୍ମିତା ବିଶିଙ୍କୁ ସମ୍ବର୍ଦ୍ଧନା

**ବରଗଡ଼, ୯।୧(ସମିସ):** ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟଏବଂ ଏଟିଭର୍ସ ହେଲପିଙ୍ଗ ଫାଉଣ୍ଡେସନ ପକ୍ଷରୁ ନବନିଯୁକ୍ତ ଡାକ୍ତର ସ୍ମିତା ବିଶିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଟିଭର୍ସ ଫାଉଣ୍ଡେସନର ସଭାପତି ଦିବାକର ମାଝୀ, ସମ୍ପାଦକ ଭଗବାନ ପ୍ରଧାନ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ମେଘନାଥ ସାହୁ, ଅଭୟ ପ୍ରଧାନ ଏବଂ କିଶୋର ସାହୁ ଡାକ୍ତର ବିଶିଙ୍କୁ ଫୁଲତୋଡା ଏବଂ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଯୋଗ୍ୟ ଯେ ଓଡ଼ିଶା ସରକାରଙ୍କ ପକ୍ଷରୁ ଡାକ୍ତର ସ୍ମିତା ବିଶିଙ୍କୁ ପ୍ରଥମ ନିଯୁକ୍ତିପତ୍ର ମିଳିଛି। ଡାକ୍ତର ବିଶି ସୋନପୁର ସଦର ଡାକ୍ତରଖାନାରେ ବୁଧବାର ଯୋଗଦାନ କରିବେ। ଉଭୟ ବିଦ୍ୟାଳୟ ଓ ଫାଉଣ୍ଡେସନ ପକ୍ଷରୁ ଡାକ୍ତର ବିଶିଙ୍କ ଉତ୍ତୋରୋତ୍ତର ସଫଳତା କାମନା କରାଯାଇଛି।



## ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ଶିକ୍ଷା ସେମିନାର

**ବରଗଡ଼, ୯।୧(ସମିସ):** ସ୍ଥାନୀୟ ସଂସ୍କାର ଇଣ୍ଟରନେସନାଲ ସ୍କୁଲଠାରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସଫ୍ଟସ୍କିଲ ଶିକ୍ଷା ସେମିନାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଡିଓ ଭିଜୁଆଲ ସଭାଗୃହଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ କରଣ ସାହୁ ସଭାପତିତ୍ୱ କରିଥିଲେ। ସ୍କୁଲର ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଶିକ୍ଷୟିତ୍ରୀ ନେହା ଶର୍ମା କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଆର୍ନ୍ତଜାତୀୟ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀଙ୍କ ବିଷୟରେ ସୂଚନା ପ୍ରଦାନ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟବକ୍ତା ଶ୍ରୀ ଶତପଥୀ ପିଲାମାନଙ୍କୁ ଶିକ୍ଷାର ବିଭିନ୍ନ ଦିଗ ଓ ପରୀକ୍ଷା ସମ୍ପର୍କୀୟ ପ୍ରସ୍ତୁତି ବିଷୟରେ ବିଶଦ ସୂଚନା ପ୍ରଦାନ କରିଥିଲେ। ଏହାଛଡା ସେ ନିଜର ନିକଟରେ ପ୍ରକାଶିତ ପୁସ୍ତକ ସଫ୍ଟସ୍କିଲ ଫର୍ ବିଗିନର ସ୍କୁଲ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିଲେ। କଲେଜର ଚେୟାରମେନ ସୁମନ ସାଓଡିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତଏହି କାର୍ଯ୍ୟକ୍ରମରେ ଭାଇସ ପ୍ରିନସିପାଲ ସଙ୍ଗୀତା ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଭବିଷ୍ୟତରେ ସ୍କୁଲରେ ଏହି ଧରଣର କାର୍ଯ୍ୟକ୍ରମ ନିୟମିତ ଭାବରେ କରାଯିବ ବୋଲି ଶ୍ରୀ ସାଓଡିଆ ସୂଚନା ଦେଇଛନ୍ତି।




## ଅର୍ପଣ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

**ଭେଡେନ: ୯।୧(ସମିସ):** ଭେଡେନ ବ୍ଲକ ଲୁହଖଣ୍ଡି ଗ୍ରାମପଞ୍ଚାୟତ ଅଏଲାପାଲି ଗ୍ରାମପଞ୍ଚାୟତ, ଭେଡେନ ଗ୍ରାମପଞ୍ଚାୟତ, ଅରେଇଗୁଡି ଗ୍ରାମପଞ୍ଚାୟତ, ରେଶମ ଗ୍ରାମ ପଞ୍ଚାୟତ, ସିଆଳଖଣ୍ଡହତା ଗ୍ରାମ ପଞ୍ଚାୟତରେ ମହାପ୍ରଭୁ ଜଗନ୍ନାଥଙ୍କ ଅର୍ପଣ ରଥକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ଅବସରରେ ଭବ୍ୟ କଳସ ଶୋଭାଯାତ୍ରା ସହ ଗାଁ ପରିକ୍ରମା କରିଥିଲା। ଘରକୁ ଘର ବୁଲି ଲୋକମାନେ ଭକ୍ତିର ସହ ଅର୍ପଣ କରୁଥିବା ଚାଉଳ ଓ ଗୁଆକୁ କଳସରେ ସଂଗ୍ରହ କରିଯାଇଥିଲା। ଅନୁଷ୍ଠିତ ଭବ୍ୟ ସ୍ୱାଗତ କାର୍ଯ୍ୟକ୍ରମରେ ଭେଡେନ ବିଡ଼ିଓ ତ୍ରିପୁର ମହାନନ୍ଦ, ଏବିଡ଼ିଓ ପ୍ରିତେଶ ଦୋରା, ବିଜେଡି ବ୍ଲକ ସଭାପତି ହରିଶଙ୍କର ବେହେରା, ଜିଲ୍ଲା ପରିଷଦ ସଭ୍ୟା ପଦ୍ମିନି ଗଡ଼ତିଆ, ସରପଞ୍ଚ ଅକ୍ଷୟ ନାଏକ, ଡମ୍ବରୁଧର ପାଣ୍ଡେ, ମୀରା ମହାକୁର, ସଞ୍ଜୁଲତା ବାରିକ, ରସାନନ୍ଦ ବାଗ, ବ୍ଲକ ଉପାଧ୍ୟକ୍ଷ ଡୋଳାମଣି ଖେତି, ବଳରାମ ଛନ୍ଦ, ଉମାକାନ୍ତ ମହାକୁର, ପଞ୍ଚାୟତ ନିର୍ବାହୀ ଅଧିକାରୀ ତରଣୀସେନ ଜେନା, ପଞ୍ଚାୟତ ନିର୍ବାହି ଅଧିକାରୀ ବିରେନ୍ଦ୍ର ବେହେରା, ଜୀବିକା ମିଶନ ଅଲି ପଧାନଙ୍କ ସମେତ ଅଞ୍ଚଳର ବରିଷ୍ଠ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ପୁରସ୍କୃତ

**ବରଗଡ଼, ୯।୧(ସମିସ):** ବରଗଡ଼ ସଦର ବ୍ଲକ ଗୋବିନ୍ଦପୁରଠାରେ ବଗେଇବିରା ଇଣ୍ଡିଆନ ମିଲିଟାରୀ ଏକାଡେମୀ ଅଧ୍ୟକ୍ଷ ପୁରନ୍ଦର ଭୋସାଗରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଞ୍ଚାୟତସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶହେ ମିଟର, ଦୁଇଶହ ମିଟର ଦୌଡ, ଲଙ୍ଗ ଜମ୍ପ, ଉଚ୍ଚ ଡିଁଆ, କ୍ରିକେଟ ରୋପ ପୁଲିଂ ଆଦି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ଶୁଭ ଉଦଘାଟନ କରିଥିବା ବେଳେ ଉଦଯାପନୀ ଉତ୍ସବରେ ପୂର୍ବତନ ସାଂସଦ ତଥା ବରଗଡ଼ ଜିଲ୍ଲା ବିଜେଡି ସଭାପତି ଡ. ପ୍ରଭାସ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ନିତ୍ୟାନନ୍ଦ ନାଏକ, ଯୀଶୁ କ୍ରିଷ୍ଣା ଦାଶ, କ୍ରୀଡା ଶିକ୍ଷକ ସଞ୍ଜୀବ ଭୋଇ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଶିଷ୍ଟ କ୍ରୀଡାବିତ ମାନସ ରଞ୍ଜନ ଭୋଇ, ରଞ୍ଜନ ଗୁଆଲ ଉଭୟେ ଚାମ୍ପିଅନ ହୋଇଥିଲେ। ତେବେ କ୍ରିକେଟ ଓ ଦଉଡ଼ି ଟଣାରେ ଗୋବିନ୍ଦପୁର ଦଳ ବିଜୟୀ ହୋଇଥିଲେ। ରିଲେ ଦୌଡ଼ରେ ବଗେଇବିରା ଦଳ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯୁବ ସଦସ୍ୟ ଶିରୀଶ ନାଏକ, ବାସୁଦେବ ଦାଶ, ପିଣ୍ଟୁ ଦାଶ, ଆଶୀଷ ନାଏକ, ଶୁଭ୍ରାଂଶୁ ସରାଫ, ଉତ୍ତର ସାହୁ, ପୂର୍ଣ୍ଣ ମେହେର, ଟୁନା ସାହୁ, ମନୋଜ ବାରିକ, ନିରୋଜ ଦାଶ ପ୍ରମୁଖ ସକ୍ରିୟ ସହଯୋଗ କରିଥିବା ବେଳେ ଆଶିଷ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅତାବିରାରେ ଅର୍ପଣ ରଥର ଶୁଭାରମ୍ଭ

**ଅତାବିରା, ୯।୧ (ସମିସ):** ବରଗଡ଼ ଜିଲ୍ଲା ଅତାବିରା ଏନଏସି ସ୍ଥିତ ୱାର୍ଡ ନମ୍ବର ୬ରେ ଥିବା ପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିର ଠାରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ପୂଜାର୍ଚ୍ଚନା କରି ଅର୍ପଣ ରଥର ଶୁଭାରମ୍ଭ ମନ୍ଦିର ରେ ପୂଜାର୍ଚ୍ଚନା କରିଥିଲେ। ରଥ ସମ୍ମୁଖରେ ପୂଜା କରି ରଥରେ ଅରୁଆ ଚାଉଳ ଓ ଗୁଆ ଦେଇଥିଲେ ଓ ତାଙ୍କ ସହିତ ଗ୍ରାମର ମହିଳାମାନେ ମଧ୍ୟ ଅର୍ପଣ ରଥରେ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ। ଶେଷରେ ୱାର୍ଡ



ହୋଇଅଛି। ଏହି ଅବସରରେ ଶତାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ ଗ୍ରାମ ସଂକୀର୍ତନ ମଣ୍ଡଳୀର ହରିବୋଲ ଓ ମହିଳାମାନଙ୍କ ହୁଳହୁଳି ମଧ୍ୟରେ ଅର୍ପଣ ରଥକୁ ୱାର୍ଡ ର ପରିକ୍ରମାର ଶୁଭାରମ୍ଭ କରାଯାଇଥିଲା। ରଥ ଶୁଭାରମ୍ଭ ହେବାପରେ ଅତିଥିବୃନ୍ଦ ଓ ଗ୍ରାମବାସୀ ପରିକ୍ରମା ପ୍ରକଳ୍ପ ପାଇଁ ରଥରେ ଅରୁଆ ଚାଉଳ ଓ ଗୁଆ, ପୁଷ୍ପ ପ୍ରଦାନ କରିଛନ୍ତି। ଏନଏସି ର ସମସ୍ତ ୱାର୍ଡ କୁ ରଥ ଯାଇ ପ୍ରତେକ ଘରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିବ ଯାହାକୁ ପରିଶେଷରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିରକୁ ନିଆଯିବ। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଏଥିରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଥମେ ଜଗନ୍ନାଥ ଭ୍ରମଣ କରିଥିଲେ। ମୁଖ୍ୟଅତିଥି ଭାବରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ସମ୍ମାନିତ ଅତିଥି ବନମାଳୀ ବରିହା, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ତାଣ୍ଡି, ଗ୍ରାମ୍ୟ କମିଟି ସଭାପତି ଦୈତାରୀ ପ୍ରଧାନ, ଶରତ ପ୍ରଧାନ, ରଘୁନାଥ ବିଶ୍ୱାଳ, ବିଜୟ ପ୍ରଧାନ, ସମସ୍ତ ଜଗନ୍ନାଥ ପ୍ରେମୀ, ଭକ୍ତମାନେ ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଏନଏସି ର ସମସ୍ତ କର୍ମକର୍ତା ଉପସ୍ଥିତ ରହି ଅର୍ପଣ ରଥ ର ଶୁଭାରମ୍ଭ କରିଥିଲେ। ଏହି ପବିତ୍ର ରଥ ଅତାବିରା ଏନଏସି, ବ୍ଲକ ସମସ୍ତ ଅଞ୍ଚଳକୁ ପରିକ୍ରମା କରିବ ଓ ଚାଉଳ, ଗୁଆ ସଂଗ୍ରହ କରି ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ରଖାଯିବ ଓ ଶେଷରେ ଷୋହଳ ତାରିଖ ପୁରି ମନ୍ଦିର କୁ ପଠାଯିବ ବୋଲି ବିଧାୟିକା କହିଛନ୍ତି।

### ■ ସୁବଳ ସାହୁ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## ଚତୁର୍ଥ ଦିବସରେ ଭୁବନେଶ୍ୱରକୁ ହରାଇ କୋଲକତା ବିଜୟୀ

**ବରପାଲି, ୯।୧(ସମିସ):** ବରପାଲି ଆଥଲେଟିକ ଆସୋସିଏସନ ପକ୍ଷରୁ ଆୟୋଜିତ ସୁବଳ ସାହୁ ସ୍ମୃତି ଫୁଟବଲ ପ୍ରତିଯୋଗିତା ଚତୁର୍ଥ ଦିବସରେ ଭୁବନେଶ୍ୱର ସହ କଲିକତା ହାଓଡା ଦଳର ଖେଳ ଅମୀମାଂଶିତ ରହିଥିଲା। ପରେ ପେନାଲ୍ଟି ସୁଟ୍ ଆଉଟ ଜରିଆରେ ହାଓଡା (କୋଲକତା ) ଦଳ ଦୁଇ ଗୋଲରେ ଅଗ୍ରଣୀ ହୋଇ ବିଜୟ ହାସଲ କରିଥିଲା। ପରିଚାଳନା କମିଟି ଅଧ୍ୟକ୍ଷ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରିତା ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଆମନ୍ତ୍ରିତ ଅତିଥି ଭାବରେ ଜିବନବିନ୍ଦୁ ଜିଲ୍ଲା ସଂଯୋଜକ ଗୌରହରି ମିଶ୍ର, ବରୋଦା ବ୍ୟାଙ୍କ ପରିଚାଳକ ଅଭିଜିତ ପଣ୍ଡା ଓ ସମିତି ସଭ୍ୟ ଗୋବିନ୍ଦ ସାହୁଙ୍କ ସମେତ ପରିଚାଳନା ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ। ସାଙ୍ଗଠନିକ ସମ୍ପାଦକ ସୌରଭ ସାହୁଙ୍କ ସଭାପତିତ୍ୱରେ ପରିଚାଳିତ ସଭା କାର୍ଯ୍ୟରେ ଆଥଲେଟିକ ଆସୋସିଏସନ ସଭାପତି ଉପଗୁପ୍ତ ତ୍ରିପାଠୀ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଅଶୋକ କୁମାର ପଣ୍ଡା ଓ ମଧୁ ମଙ୍ଗଳ ମିଶ୍ରଙ୍କ ସଂଯୋଜନାରେ ସଭାକାର୍ଯ୍ୟ ଚାଲିଥିଲା। ଆଜିକାର ଖେଳକୁ ବିପୁଳ ବିଦ୍ୟାଧର, ଶୁଭମ ପାତ୍ର, ଜିତେନ୍ଦ୍ରୀୟ ଥନାପତି, ଅଜୟ ପଧାନ ଓ ମନୋଜ କୁମାର ସାହୁ ପରିଚାଳନା କରିଥିଲେ। ବୁଧବାର ବିରମହାରାଜପୁର ଓ ଉତ୍ତରାଖଣ୍ଡ ଡେରାଡୁନ ଦଳ ମଧ୍ୟରେ ପ୍ରତିଯୋଗିତା ହେବ। ଏହି ଅବସରରେ ପୂର୍ବତନ ଫୁଟବଲ ଖେଳାଳି ଅମୃତଲାଲ ସାହୁ ଅତିଥିମାନଙ୍କ ଦ୍ୱାରା ଉତ୍ତରୀୟ ଓ ମାନପତ୍ର ପ୍ରଦାନ ମାଧ୍ୟମରେ ସମ୍ବର୍ଦ୍ଧିତ କରାଯାଇଥିଲା।



### ଗାଁରୁ ସହର ପରିକ୍ରମା କରୁଛି ଅର୍ପଣ ରଥ

# ବିଧାୟକଙ୍କ ଦ୍ୱାରା ଗୁଆ, ଚାଉଳ ସଂଗ୍ରହ

**ବରଗଡ଼, ୯।୧(ସମିସ)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ପାଇଁ ବାହାରିଥିବା ଅର୍ପଣ ରଥ ମଙ୍ଗଳବାର ବରଗଡ଼ ଅମ୍ବାପାଲି ଗୋପପୁରରେ ପହଞ୍ଚିଥିଲା। ସେହିପରି ବରଗଡ଼ ସଦର ବ୍ଲକର ବିଭିନ୍ନ ଗ୍ରାମରେ ଅର୍ପଣ ରଥକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରଗଡ଼ ସଦର ବ୍ଲକ ଆମ୍ବଷଡା, ଖଣ୍ଡହତା, ବନ୍ଧା, କୁର୍ଲା ଆଦି ଗ୍ରାମରେ ଅର୍ପଣ ରଥ ପରିକ୍ରମା କରିଥିବା ବେଳେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ନିଜେ ସାମିଲ ହୋଇ ଗୁଆ, ଚାଉଳ ସଂଗ୍ରହ କରିଥିଲେ। ସେହିପରି ବ୍ଲକ ପରିସରରେ ଜିଲ୍ଲାପାଳ ମୋନୀଷା ବାନାର୍ଜି ଉପସ୍ଥିତ ରହି ଅର୍ପଣ ରଥରେ ସାମିଲ ହୋଇଥିଲେ। ଏହି କ୍ରମରେ ଅମ୍ବାପାଲି-ଗୋପପୁରବାସୀ ଅର୍ପଣ ରଥଙ୍କୁ ଶ୍ରଦ୍ଧାର ସହ ସ୍ୱାଗତ କରିବା ସହ ଦାଣ୍ଡଦୁଆରରେ ଗୁଆ ଚାଉଳ ଅର୍ପଣ କରିଥିଲେ। ଏ ଅବସରରେ ବରଗଡ଼ ପୌରାଧକ୍ଷା କଳ୍ପନା ମାଝୀଙ୍କ ସମେତ ବିଜେଡି ଟାଉନ ସଭାପତି କିଶୋର ମିଶ୍ର, ପୂର୍ବତନ କାଉନସିଲର ନାରାୟଣ ଭୋଇଙ୍କ ସମେତ ବହୁ ଶ୍ରଦ୍ଧାଳୁ ସାମିଲ ହୋଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥକୁ ପାଛୋଟି ନେଇଥିଲେ। ସେହିପରି ବରଗଡ଼ ସହରର ୱାର୍ଡ ନମ୍ବର ୧ ଏବଂ ୫ରେ ଅର୍ପଣ ରଥ ପରିକ୍ରମା କରି ଗୁଆ, ଚାଉଳ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।



# ଟ୍ରାକ୍ଟର ଧକ୍କାରେ ଓଲଟିଲା ଆମ୍ବୁଲାନ୍ସ

**ଝାରସୁଗୁଡ଼ା, ୯।୧(ସମିସ):** ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ରୋଗୀନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏକ ୧୦୮ ଆମ୍ବୁଲାନ୍ସ ଯାଉଥିବାବେଳେ ୪୯ ନମ୍ବର ଜାତୀୟ ରାଜପଥ ସଦର ଥାନା ସମ୍ମୁଖରେ ଏକ ଟ୍ରାକ୍ଟରର ସହ ମୁହାଁମୁହିଁ ଧକ୍କା ଦେବାରୁ ଆମ୍ବୁଲାନ୍ସଟି ଦୁଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ିଥିଲା। ଆମ୍ବୁଲାନ୍ସ ଚାଳକଙ୍କ କହିବା ଆନୁଯାୟୀ, ଟ୍ରାକ୍ଟର ଚାଳକ ଜଣକ ମୋବାଇଲ୍‌ରେ କଥା ହୋଇ ଦ୍ରୁତ ଗତିରେ ଆସି ଆମ୍ବୁଲାନ୍ସକୁ ଧକ୍କା ଦେଇଥିଲା। ଆମ୍ବୁଲାନ୍ସରେ ଥିବା ଜଣେ ରୋଗୀ ଓ ତାଙ୍କ ସମ୍ପର୍କିୟ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ସଦର ପୁଲିସ ପହଞ୍ଚି ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇଛି। ଏହି ଦୁର୍ଘଟଣା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଯାନବାହାନ ଛିଡ଼ା ହୋଇ ରହିଥିବାବେଳେ କ୍ରେନ ମାଧ୍ୟମରେ ଓଲଟି ପଡ଼ିଥିବା ଆମ୍ବୁଲାନ୍ସକୁ ଉଠାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଚାଳକକୁ ମଧ୍ୟ ଗିରଫ କରାଯାଇଛି।



## ଟାବ୍‌ଲେଟ ନିଶା କବ୍‌ଜାରେ ଯୁବଗୋଷ୍ଠୀ

# କୋଡ୍‌ୱାର୍ଡରେ ମିଳୁଛି ନିଶା ବଟିକା

**ଝାରସୁଗୁଡ଼ା, ୯।୧(ସମିସ)**

ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ନିଶା କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ନିଶା କାରବାରକୁ ନେଇ ଦୈନନ୍ଦିନ ଅପରାଧ ସଂଖ୍ୟା ମଧ୍ୟ ଅନୁରୂପ ଭାବେ ବଢୁଛି। ନିଛାଟିଆ ଲୋକଙ୍କୁ ଏହି ନିଶାଖୋର ଅପରାଧିମାନେ ଲୁଟିବାରେ ମଧ୍ୟ ପଛଉ ନାହାନ୍ତି। ବିଶେଷ ଭାବରେ ଯୁବଗୋଷ୍ଠୀମାନେ ଟାବ୍‌ଲେଟ ନିଶାରେ ବୁଡ଼ିରହୁଛନ୍ତି। ପୁରୁଣା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ କ୍ରମାଗତ ଭାବରେ ଏହି ନିଶାଖୋର ଯୁବକମାନେ ଯାତ୍ରୀମାନଙ୍କ ଠାରୁ ଲୁଟ କରିବା ସହିତ ରାସ୍ତାକଡ଼ରେ ରହିଥିବା ଟ୍ରକ୍ ଗୁଡ଼ିକରୁ ଡିଜଲ ଚୋରି କରିବା ସହିତ ଯନ୍ତ୍ରପାତି ମଧ୍ୟ ଚୋରି କରି ନେଉଥିବା ଅଭିଯୋଗ ହେଉଛି। ସରବାହାଲ, ବେହେରାମାଲ, ରେଳ ଷ୍ଟେସନ, କକ୍ସ କଲୋନୀ, କାଳିମନ୍ଦିର ରୋଡ଼, ମଙ୍ଗଳ ବଜାର, ଶୁକ୍ର ବଜାର, ପୁରୁନାବସ୍ତି ଭଳି ଅଞ୍ଚଳରେ ନିଶାଖୋରଙ୍କ ଆଧିପତ୍ୟ ଦେଖିବାକୁ ମିଳିଛି। ଏହା ସହିତ ଜିଲ୍ଲାର ଅନ୍ୟ ଦୁଇ ପ୍ରମୁଖ ସହର ବ୍ରଜରାଜନଗର ଓ ବେଲପାହାଡ଼ରେ ମଧ୍ୟ କେତେକ ସ୍ଥାନରେ ଖୋଲାଖୋଲି ଭାବରେ ନିଶା ବଟିକା କାରବାର ହେଉଛି। ଏହି ସହର ଭିତରେ କେତେକ ପାନ ଦୋକାନ, ଷ୍ଟେସନାରୀ ଏମିତିକି ତେଜରାତି ଦୋକାନରେ ମଧ୍ୟ ଏହି ନିଶାବଟିକା କାରବାର ଯୋର୍ ଧରିଛି। ନ୍ୟୁଟ୍ରିସନ୍-୧୦ ସମେତ ଆହୁରି ଏମିତି ଅନେକ ଟାବ୍‌ଲେଟ ନିଶା ବ୍ୟବସାୟୀମାନେ ଶତାଧିକ ଟଙ୍କାରେ ବିକ୍ରି କରୁଛନ୍ତି। ଏହି ଟାବଲେଟ ଖାଇଲେ ୭ରୁ ୮ ଘଣ୍ଟା ନିଶା ଲାଗିଥାଏ। ତେବେ ଏହି ବଟିକାକୁ ଦେଖିଲେ ସାଧାରଣ ଔଷଧ ଦୋକାନରେ ମିଳୁଥିବା ବଟିକା ଭଳିଆ ଦେଖିବାକୁ ମିଳିଛି। ଏମିତିକି ଏହି ଡ୍ରଗସ୍ ଟାବଲେଟରେ ବ୍ୟାଚ୍ ନମ୍ବର ଠାରୁ ଆରମ୍ଭ କରି ଜ୍ୱର ଏବଂ କେତେକ ଅନ୍ୟାନ୍ୟ ରୋଗର ପ୍ରତିରୋଧକ ଔଷଧର ମିଶ୍ରଣ ଲେଖାଯାଇଛି। ଏହାକୁ ଦେଖିଲେ ସାଧାରଣ ଔଷଧର ଭ୍ରମ ନିଶ୍ଚିତ ସୃଷ୍ଟି କରିବ। କେବଳ ସେତିକି ନୁହଁ ଏହା ସହିତ କଫ୍ ସିରପ୍ ଓ ନିରାଭେଟ ଓଡ଼ିଫିରାନ୍ ନାମକ ନିଶା ବଟିକା ମଧ୍ୟ ଏହି ଅଞ୍ଚଳରେ କାରବାର ଯୋରଧରିଛି। ଏହି ଔଷଧ ଗୁଡ଼ିକ ଦୋକାନରେ ସାଧାରଣ ଲୋକଟିଏ ମାଗିଲେ ମିଳିବନି ଏହାର ମଧ୍ୟ କୋଡ୍‌ୱାର୍ଡ ରହିଛି। ତେବେ ଜଣେ ଅଜଣା ଗ୍ରାହାକ ଏହି ନିଶା ଔଷଧ ମାଗିଲେ ତାହା ଏଠି ମିଳେନାହିଁ ବୋଲି ଦୋକାନି ଠକି ଦେଉଥିବା ମଧ୍ୟ ଜଣାପଡ଼ିଛି। ଏହି ବଟିକା ନିଶା କାରବାରରେ ଯୁବପିଢ଼ିଙ୍କୁ ବିଶେଷ ଭାବରେ ପ୍ରଭାବ ପକାଉଛି। ପୁଲିସ ପକ୍ଷରୁ ଏହି ନିଶାକାରବାର ରୋକିବା ପାଇଁ କଡ଼ା ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



## ବାଇକ୍ ଧକ୍କାରେ ଅଙ୍ଗନବାଡ଼ି ଶିଶୁ ମୃତ

ଦେବଗଡ଼, ୯।୧(ସମିସ): ବାରକୋଟ ଥାନା ଅନ୍ତର୍ଗତ ଜାଲିସୁଆଁ ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉଥିବା ବେଳେ ବାଇକ ଧକ୍କାରେ ଜଣେ ଶିଶୁର ଶୋଚନୀୟ ମୃତ୍ୟୁ ଘଟିଛି। ମିଳିଥିବା ସୂଚନାନୁଯାୟୀ, ଜାଲିସୁଆଁ ଗ୍ରାମର ନବୀନ ଚନ୍ଦ୍ର ନାୟକଙ୍କ ପୁଅ ଲୋକନ କୁମାର ନାୟକ (ଦିପେଶ) ନିଜର କାକାଙ୍କ ସହିତ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉଥିଲେ। ଏହି ସମୟରେ ଉଭୟେ ରାସ୍ତା ଅତିକ୍ରମ କରୁଥିବା ବେଳେ ଦ୍ରୁତଗତିରେ ବାଇକ୍ ଯୋଗେ ଆସୁଥିବା ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଦୀପେଶଙ୍କୁ ଧକ୍କା ଦେଇଥିଲା। ଫଳରେ ଦୀପେଶ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୀପେଶଙ୍କ ପିତା ନବୀନ ବାରକୋଟ ଥାନାରେ ଲିଖିତ ଏତଲା ଦେବାରୁ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ପ୍ଲାଟଫର୍ମରେ ବୃଦ୍ଧଙ୍କ ମୃତ୍ୟୁ

ବ୍ରଜରାଜନଗର, ୯।୧ (ସମିସ): ବ୍ରଜରାଜନଗର ରେଳ ଷ୍ଟେସନ ପ୍ଲାଟଫର୍ମରେ ଜଣେ ୬୦ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ଝାରସୁଗୁଡା ପୌରାଞ୍ଚଳ ସରବହାଲ ଅଞ୍ଚଳର ଯଶପାଲ ସାହୁ ବୋଲି ତାଙ୍କ ଆଧାର କାର୍ଡରୁ ଜଣାପଡ଼ିଛି। ବ୍ରଜରାଜନଗର ଷ୍ଟେସନ ମାଷ୍ଟର ଦୁଃଖୀଶ୍ୟାମ ପାଣିଗ୍ରାହୀ ଏବଂ ଜିଆରପି ପୁଲିସ ଉପସ୍ଥିତିରେ ଶବ ଚିହ୍ନଟ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଯଶପାଲ ପ୍ରତ୍ୟେକ ଦିନ ରେଳ ଷ୍ଟେସନ ଓ ତାର ଆଖପାଖ ଅଞ୍ଚଳରେ ଜରି ଓ ପାଣିବୋତଲ ସଂଗ୍ରହ କରି କବାଡିଆ ଦୋକାନରେ ବିକ୍ରି କରି ଜୀବନଯାପନ କରୁଥିଲେ। ସୋମବାର ସନ୍ଧ୍ୟାରେ ଆସି ପ୍ଲାଟ ଫର୍ମ ରେ ନିଜର ବିଛଣା ପାରି ଶୋଇଥିବା ବେଳେ ସକାଳୁ ନ ଉଠିବାରୁ ରେଳ କର୍ତ୍ତୃପକ୍ଷ ସୂଚନା ପାଇ ସେ ମୃତ୍ୟୁବରଣ କରିଥିବା ଜାଣିବାକୁ ପାଇଥିଲେ। ଏ ନେଇ ରେଳ ବିଭାଗ ତରଫରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଦୁର୍ଘଟଣାରେ ଅଜା-ନାତି ଆହତ

ଦେବଗଡ଼, ୯।୧(ସମିସ): ବାରକୋଟ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମ ନିକଟରେ ବାଇକ ଦୁର୍ଘଟଣାରେ ଅଜା-ନାତି ଆହତ ହୋଇଥିବା ଜଣାପଡ଼ିଛି। ମଧୁପୁର ଗ୍ରାମର ସାଧୁ ଲୁହୁରା ଓ ତାଙ୍କର ସମ୍ପର୍କୀୟ ନାତି ଅନୁଗୁଳ ଜିଲା ସିଆରମାଲିଆ ଗ୍ରାମର ମହେଶ୍ୱର ଫେଠେଇ ଗତକାଲି ବମ୍ପରଡ଼ା ଗ୍ରାମରୁ ଏକ ବାଇକ ଯୋଗେ ମଧୁପୁର ଗ୍ରାମକୁ ଫେରୁଥିବା ସମୟରେ ବାଇକ ଚଳାଉଥିବା ମହେଶ୍ୱର କୌଣସି କାରଣରୁ ଭାରସାମ୍ୟ ହରାଇବାରୁ ଉଭୟ ବାଇକ ସହିତ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ନାତି ମହେଶ୍ୱର ନିଜ ଘରକୁ ଫେରିଯାଇଥିବା ବେଳେ ଅଜା ସାଧୁ ଏବେ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

## ନିଆଁ ଲାଗି ଝିଅ ଗୁରୁତର, ମା' ଆହତ

ଦେବଗଡ଼, ୯।୧(ସମିସ): ମଙ୍ଗଳବାର ସନ୍ଧ୍ୟାରେ ଦେବଗଡ଼ ଥାନା ଅନ୍ତର୍ଗତ କଲଣ୍ଡା ଗ୍ରାମ ପଞ୍ଚାୟତର ନୂଆଗାଁ ଗ୍ରାମରେ ରୋଷେଇ କରୁଥିବା ବେଳେ ନିଆଁ ଲାଗି ଜଣେ ମହିଳା ଗୁରୁତର ଆହତ ହୋଇଥିବା ବେଳେ ଉଦ୍ଧାର କରିବାକୁ ଯାଇ ତାଙ୍କ ମା' ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଗ୍ରାମର ଶୋଭା ଭୋଜଙ୍କ ବିବାହିତା ଝିଅ ଲଛମା ଦେହୁରୀ ଚୂଲିରେ ରୋଷେଇ କରୁଥିବା ବେଳେ ଅସାବଧାନତା ବଶତଃ ସେ ପିନ୍ଧିଥିବା ପୋଷାକରେ ହଠାତ ନିଆଁ ଲାଗିଯିବା ସହ ସେ ଚିତ୍କାର କରିଥିଲେ। ଏହା ଦେଖି ତାଙ୍କ ମା' ଶୋଭା ଭୋଜ ଝିଅ ଲଛମାର ପୋଷାକ ଚିରି ତାଙ୍କୁ ନିଆଁ ଦାଉରୁ ରକ୍ଷା କରିଥିଲେ। ମାତ୍ର ଏହାରି ମଧ୍ୟରେ ଲଛମାଙ୍କ ଶରୀରର ବିଭିନ୍ନ ଅଂଶରେ ନିଆଁ ଲାଗି ସେ ଗୁରୁତର ଆହତ ହୋଇଥିଲେ। ଅନ୍ୟପକ୍ଷରେ ଝିଅକୁ ଉଦ୍ଧାର କରିବା ସମୟରେ ମା' ଶୋଭାଙ୍କର ହାତ ଅଂଶିକ ଭାବେ ପୋଡିଯାଇଥିଲା। ପରିବାର ଲୋକେ ଉଭୟଙ୍କୁ ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ବେଳେ ଉଭୟ ମା-ଝିଅ ଏବେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

# ବ୍ରଜରାଜନଗରରେ ଅର୍ପଣ ରଥର ଶୁଭାରମ୍ଭ

**ବ୍ରଜରାଜନଗର, ୯।୧ (ସମିସ) :** ବ୍ରଜରାଜନଗର ପୌରପରିଷଦ ଅନ୍ତର୍ଗତ ମୁଖ୍ୟ ବଜାର ନିକଟରେ ଥିବା ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ବାହାରି ବ୍ରଜରାଜନଗର ପୌର ପରିଷଦର ବିଭିନ୍ନ ୱାର୍ଡ ବୁଲି ବୁଲିଥିଲା। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ବ୍ରଜରାଜନଗର ପୋରଧକ୍ଷା ଯଜ୍ଞସେନୀ ଓରାମ, ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ, ବିଜେଡ଼ି ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ଉପ ନଗରପାଳ ଗୋପାଳ ସିତାନି, କାଉନସିଲର ମହେଶ ମୁଣ୍ଡି, କିରଣ ଛତ୍ରୀ, ନିକିତା ସେଠ, ଲତା ରାଓଲାନି, ପ୍ରମୋଦ ପ୍ରଧାନ, ମଧୁ ଶ୍ରୀବାସ୍ତବ, ପ୍ରଭାତି ଗଡ଼ନାୟକ, ଚାରୁଲତା ପ୍ରଧାନ, ଟାଉନ ସଭାପତି ରାଧାକାନ୍ତ ପ୍ରଧାନ, କୁଳମଣୀ ଦାସ, ଚିନ୍ତାମଣି ଦାସ, ନୃପ ତାଣ୍ଡିଆ, ଛାତ୍ର ସଭାପତି ଲଳିତ ତନ୍ତୀ, ମହିଳା ସଭାନେତ୍ରୀ ନଳିନୀ ପ୍ରଧାନ, ମନୋରମା ସାହୁ, ଦିବାକର ପଟ୍ଟନାୟକ, ରାମ ନାରାୟଣ ରାଏ, ଅଞ୍ଜଳି ସିଂ, ସରୋଜ ସାହ, ମିକି ନାଏକ, ବିନି ଦାସ, କୁମୋଦିନି ଗରୁଡ, ଅନ୍ନପୂର୍ଣ୍ଣା ସିଂ, ଖିରୋଦିନି ସେନାପତି, କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ସହିତ ମିଶନଶକ୍ତିର ସଦସ୍ୟା ଏବଂ ଜଗନ୍ନାଥ ପ୍ରେମୀ ଓ ଯୁବକ, ଅନେକ ମହିଳା ଯୋଗଦାନ କରିଥିଲେ। ସମସ୍ତେ ଗୁଆ ଓ ଅରୁଆ ଚାଉଳ ଅର୍ପଣ କରି ମହାପ୍ରଭୁଙ୍କ ଭବ୍ୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ସାମିଲ ହେବା ପାଇଁ ଆଗ୍ରହର ସହିତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।



# କଟେଇରେ ହକି ପ୍ରତିଯୋଗିତା ଉଦ୍‌ଘାଟିତ

**ଦେବଗଡ଼, ୯।୧(ସମିସ):** ତିଲେଇବଣି ବ୍ଲକ ଟାଇଁସର ଗ୍ରାମ ପଞ୍ଚାୟତର କଟେଇ ଗ୍ରାମରେ ଆଜି ହକି ୟୁଥ କ୍ଲବ ଆନୁକୂଲ୍ୟରେ ହକି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ହକି ୟୁଥ କ୍ଲବର ସଭାପତି ପାତ୍ରାସ ଟାଓନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର, ଜିଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ, ଦେବେନ୍ଦ୍ର ଗଡ଼ନାୟକ ଓ ପଞ୍ଚୁ ଉଦାବର ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଉଦ୍‌ଘାଟନୀ ମାଚରେ ପେଣ୍ଡ୍ରାଖୋଲ ହକି ଦଳ ଶାନ୍ତିନଗର ହକି ଦଳକୁ ୩-୧ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା।



# ଆସନ୍ତା ୧୫ରୁ ଶ୍ରୀ ହରିହରଙ୍କ ମହାମିଳନ ମହୋତ୍ସବ

**ଝାରସୁଗୁଡ଼ା/ବ୍ରଜରାଜନଗର, ୯ ।୧(ସମିସ):** ବ୍ରଜରାଜନଗର ରାଧାକୃଷ୍ଣ ଉନ୍ନୟନ ପରିଷଦ ଖଲିଆକାନୀ ଆନୁକୂଲ୍ୟରେ ଶ୍ରୀ ହରିହରଙ୍କ ମହାମିଳନ ମହୋତ୍ସବ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ହୋଇଯାଇଛି। ଖଲିଆକାନୀ ମହାମିଳନ ପଡ଼ିଆଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଜାନୁଆରୀ ୧୫ ସୋମବାର ଦିନ ହରିହରଙ୍କ ମହାମିଳନ ମହୋତ୍ସବ ଅନୁଷ୍ଠିତ ହେବା ପାଇଁ ଭବ୍ୟ ଆୟୋଜନ ହୋଇଛି। ଏହି ମହୋତ୍ସବରେ ଶ୍ରମ ଓ ରାଜ୍ୟ ବୀମା କର୍ମଚାରୀ ମନ୍ତ୍ରୀ ଶାରଦା ପ୍ରସାଦ ନାୟକ, ମୁଖ୍ୟ ଅତିଥି, ରାଜ୍ୟ ସଭାପତି ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା, ମୁଖ୍ୟ ଉପଦେଷ୍ଟା ସମ୍ମିଳିତ ଆଦିବାସୀ ସମାଜ ତଥା ମୁଖ୍ୟ ସଂଯୋଜକ ରାଧାକୃଷ୍ଣ ଉନ୍ନୟନ ପରିଷଦ ମହେନ୍ଦ୍ର ନାଏକ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ସଭ୍ୟ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମିତ୍ରଭାନୁ ସାହୁ, ପୌରପରିଷଦ ଅଧକ୍ଷା ଯାଜ୍ଞସେନୀ ଓରାମ ଓ ଅତିରିକ୍ତ ସରକାରୀ ଓକିଲ ବିଶ୍ୱନାଥ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେବେ। ପାରମ୍ପରିକ ରୀତିନୀତି ଅନୁଯାଇ ଶ୍ରୀହରି ରାଜପୁର କଟାପାଲିରୁ ଓ ଶ୍ରୀହର ହଂସାମୁରା କଟାପାଲିରୁ ଜାନୁଆରୀ ୧୪ ତାରିଖ ରବିବାର ଖଲିଆକାନୀରେ ବିରାଜମାନ କରିବେ। ମକର ସଂକ୍ରାନ୍ତି ଦିନ ଉଭୟ ଠାକୁର ଦିନ ୧୨ଟାରୁ ରଥାରୂଢ଼ ହୋଇ ଅପରାହ୍ନ ୪ଟା ସମୟରେ ମହାମିଳନ ପଡ଼ିଆରେ ପହଞ୍ଚିବା ପାଇଁ ସମୟ ନିର୍ଘଣ୍ଟ ହୋଇଛି। ଏବର୍ଷ ଶ୍ରୀହରିଙ୍କର କର୍ତ୍ତା ଭାବରେ ଡିଲେଶ୍ୱର ବିଶି ଓ ଶ୍ରୀହରଙ୍କ କର୍ତ୍ତା ଭାବରେ ରାମଚନ୍ଦ୍ର ବାରିକ, ରଥ ତିଆରିରେ ମୁଖ୍ୟ ବଢେଇ ଉମେଶ ପ୍ରଧାନ, ସହଯୋଗୀ ବଢ଼େଇ ଚୈତନ୍ୟ ପ୍ରଧାନ, ମହେନ୍ଦ୍ର ନାଏକ, ନିରାକାର ପ୍ରଧାନ, ଜେନାମଣି ସାହୁ, ପ୍ରମୁଖ ଥିବାବେଳେ ରଥ ରଙ୍ଗ କଳାକାର ବେଲପାହାଡ଼ର ସାଗର ଆର୍ଟ ରହିଛନ୍ତି ବୋଲି ମହେନ୍ଦ୍ର ନାଏକ ସୂଚନା ଦେଇଛନ୍ତି।



# ଝାରସୁଗୁଡ଼ା ପାଇଁ ଗୌରବ ଆଣିଲେ ରୁଦ୍ରପ୍ରତାପ

**ଝାରସୁଗୁଡ଼ା, ୯।୧ (ସମିସ) :** ଡିଏଭି ପବ୍ଲିକ ସ୍କୁଲର ଚେତକ ବୋଲାଯାଉଥିବା ଦୌଡ଼ ତାରକା ରୁଦ୍ରପ୍ରତାପ ବାଗ ରାଷ୍ଟ୍ରୀୟ ସ୍ତରରେ ଚମତ୍କାର ପ୍ରଦର୍ଶନ କରି ଡିଏଭି ତଥା ସମଗ୍ର ଝାରସୁଗୁଡ଼ା ପାଇଁ ଗୌରବ ଆଣିଛନ୍ତି। ରୁଦ୍ରପ୍ରତାପ ହରିୟାଣାର ପାନିପଥରେ ଡିଏଭି ପୁଲିସ ପବ୍ଲିକ ସ୍କୁଲଠାରେ ଅନୁଷ୍ଠିତ ହୋଇଥିବା ଡିଏଭି ନ୍ୟାସନାଲ ସ୍ପୋର୍ଟସରେ ୧୭ ବର୍ଷରୁ କମ୍ ବାଳକ ବିଭାଗ ୪୦୦ ମିଟର ଦୌଡ଼ରେ ମାତ୍ର ୫୪ ସେକେଣ୍ଡରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରୁଦ୍ରପ୍ରତାପ ବିଶେଷ କ୍ରୀଡ଼ା କୃତିତ୍ୱ ପାଇଁ ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଦୈନିକ ଛାତ୍ର ପ୍ରାର୍ଥନା ସଭାରେ ପୁରସ୍କୃତ କରିଛନ୍ତି। ପ୍ରକାଶ ଯୋଗ୍ୟ, ରୁଦ୍ରପ୍ରତାପ ବିଦ୍ୟାଳୟ ସ୍ତର, ଜୋନ ସ୍ତର ଏବଂ ସରକାରୀ ସ୍ତରରେ ତଥା ଏସ.ଜି.ଏଫ.ଆଇ.ଦ୍ୱାରା ଆୟୋଜିତ ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ହାସଲ କରିଆସିଛନ୍ତି। ଡିଏଭି ନ୍ୟାସନାଲ ସ୍ପୋର୍ଟସରେ ସ୍ୱର୍ଣ୍ଣ ପଦକ ଜିଣି ସୁନାମ ଅର୍ଜନ ପାଇଁ ରୁଦ୍ରପ୍ରତାପ ବର୍ଷତମାମ ଅଭ୍ୟାସ ଜାରି ରଖିଆସୁଥିଲେ। ବିଦ୍ୟାଳୟର ପିଇଟି ବିଜୟ କୁମାର ଦାଶ ତାଙ୍କର ନିରନ୍ତର ଦୌଡ଼ାଭ୍ୟାସ ଜାରି ରଖିଥିଲେ। ରୁଦ୍ରପ୍ରତାପ ଝାରସୁଗୁଡ଼ା ରେଳବାଇ ଟେଲିକମ ବିଭାଗରେ କାର୍ଯ୍ୟରତ ମଧୁସୂଦନ ବାଗ ଓ ଗୃହିଣୀ ପ୍ରତିମା ବାଗଙ୍କ ସୁପୁତ୍ର ଅଟନ୍ତି। ରୁଦ୍ରପ୍ରତାପ ଭବିଷ୍ୟତରେ ଅଲମ୍ପିକରେ ଅଂଶଗ୍ରହଣ କରିବାର ଲକ୍ଷ୍ୟ ରଖିବା ସହିତ କ୍ରୀଡ଼ା କ୍ଷେତ୍ରରେ ହିଁ ଭବିଷ୍ୟତ ଗଢ଼ିବାର ଦୃଢ଼ ଆଶା ବାନ୍ଧିଛନ୍ତି।



# 'ନୂଆ-ଓ' କାର୍ଯ୍ୟକ୍ରମ ତରଫରୁ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ

**ଝାରସୁଗୁଡ଼ା, ୯।୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ପକ୍ଷରୁ ଜିଲ୍ଲାରେ ପ୍ରଥମ କରି 'ନୂଆ-ଓ' କାର୍ଯ୍ୟକ୍ରମର କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଜିଲ୍ଲାରେ ଥିବା ୩ଟି ପୌରପରିଷଦ, ୫ଟି ବ୍ଲକର ୮ ଟି ପୁରୁଷ, ମହିଳା ଦଳଗୁଡ଼ିକ ହକି, ଫୁଟବଲ, କବାଡି, ଖୋ-ଖୋ, କ୍ରିକେଟ, ଭଲିବଲ୍ ଖେଳରେ ଅଂଶ ଗ୍ରହଣ କରିଛନ୍ତି। ମଙ୍ଗଳବାର ସକାଳ ୯ଟା ୩୦ମିନିଟ୍‌ରେ ଝାରସୁଗୁଡ଼ା ହଂସାମରା କଟାପାଲି ଠାରେ ନୂତନ ନିର୍ମାଣ ହୋଇଥିବା ହକି ଷ୍ଟାଡିୟମରେ ମ୍ୟାଚ୍ ଆରମ୍ଭ ହୋଇଥିବାବେଳେ ହକି ଷ୍ଟାଡିୟମର ସମ୍ମୁଖ ପଡ଼ିଆରେ କ୍ରିକେଟ, ୨ୟ ଓଏସ୍‌ଏପି ପଡ଼ିଆରେ କବାଡି, ଖୋ-ଖୋ, ଫୁଟବଲ ଓ ଭଲିବଲ୍ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଆଜିର ହକି ମହିଳା ମ୍ୟାଚ୍‌ରେ ଦିଲ୍ଲୀପ ତିର୍କି ସ୍ପୋର୍ଟସ ଏକାଡେମୀ ସମସ୍ତ ମ୍ୟାଚ୍‌ରେ ନିଜର ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଏହି ଦଳର ଲକ୍ଷ୍ମୀ ଲାକ୍ରା ପ୍ରଥମ ଖେଳାଳି ଭାବରେ ୩ଟି ଗୋଲ୍‌ଦେଇ ହାଟ୍ରିକ ଅର୍ଜନ କରିଛନ୍ତି। ଆଜିଖେଳରେ ସିମ୍ରନ କୁଜୁର, ସାନିଝରିଆ ଟପୋ, ଦିପିକା ମାଝି, ନିଲମ ଲକ୍ଷ୍ମୀ ପ୍ରଧାନ ସୁନ୍ଦର ପାସ୍ ଦେଇ ଝାରସୁଗୁଡା ବ୍ଲକକୁ ୮ ଟି ଗୋଲ୍‌ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି (ବୁଧବାର) ସମସ୍ତ ଖେଳର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ଝାରସୁଗୁଡ଼ା ବିଧାୟିକା ଦିପାଳୀ ଦାସ ଓ ଷ୍ଟାର ଗେଷ୍ଟ ଭାବରେ ପଦ୍ମଶ୍ରୀ ଡ. ଦିଲ୍ଲୀପ କୁମାର ତିର୍କି ଯୋଗଦେବେ ବୋଲି ସୂଚନା ମିଳିଛି। ଜିଲ୍ଲା ପ୍ରଶାସନର ଅଧିକାରୀମାନେ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ଖେଳକୁ ଉପଭୋଗ କରିଥିଲେ।



# ଡିଜିଟାଲ୍ ଲ୍ୟାଣ୍ଡ ରେକର୍ଡ ମଡର୍ନାଇଜେସନ କାର୍ଯ୍ୟକ୍ରମ

**ଦେବଗଡ଼, ୯।୧ (ସମିସ):** ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ ବଣିଆକିଲିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ଅଧୀନରେ ଡିଜିଟାଲ ଲ୍ୟାଣ୍ଡ ରେକର୍ଡ ମଡର୍ନାଇଜେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜିଲ୍ଲା ପୂର୍ବରୁ ଡିଜିଟାଲ ଲ୍ୟାଣ୍ଡ ରେକର୍ଡ ମୋଡିଲାଇଜେସନର ସଫଳତା ପାଇଁ ରାଷ୍ଟ୍ରପତି ପୁରସ୍କାର ପାଇଥିବା ବେଳେ ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରତି ଗାଁର ପ୍ରାୟ ୯୯ ପ୍ରତିଶତ ଜମି ଡିଜିଟାଲ ଲ୍ୟାଣ୍ଡ ରେକର୍ଡରେ ସାମିଲ କରାଯାଇଥିବା ସୂଚନା ଦେଇଥିଲେ। ଏହି ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ଅଧିନରେ ପ୍ରତି ଗ୍ରାମକୁ ଏନେଇ ମାନପତ୍ର ପ୍ରଦାନ କରାଯାଇଛି। ବଣିଆକିଲିଣ୍ଡା ପଞ୍ଚାୟତରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ପ୍ରତି ପଞ୍ଚାୟତରେ ଅନୁଷ୍ଠିତ ହେବ ଏବଂ ପ୍ରତି ଗ୍ରାମକୁ ଏହି ମାନପତ୍ର ପ୍ରଦାନ କରାଯିବ। ଆଜି ବଣିଆକିଲିଣ୍ଡା ପଞ୍ଚାୟତର ପ୍ରତି ରାଜସ୍ୱ ଗ୍ରାମକୁ ଏହି ମାନପତ୍ର ପ୍ରଦାନ କରାଯିବା ଉକ୍ତ ଗ୍ରାମର ସମସ୍ତ ଜମି ଡିଜିଟାଲ ଲ୍ୟାଣ୍ଡ ରେକର୍ଡ ଡିଜିଟାଲ ମଡର୍ନାଇଜେସନ ହୋଇ ସାରିଥିବା ସୂଚନା ଦେଇଥିଲେ। ଆଜିର ଏହି ଗ୍ରାମର ପ୍ରତି ରାଜସ୍ୱ ଗ୍ରାମର ୱାର୍ଡସଭ୍ୟମାନେ ଉପସ୍ଥିତ ରହି ମାନପତ୍ର ଗ୍ରହଣ କରିଥିଲେ। ଏଥିରେ ବଣିଆକିଲିଣ୍ଡା ପଞ୍ଚାୟତର ସରପଞ୍ଚ, ରାଜସ୍ୱ ବିଭାଗ ସୁପରଭାଇଜର, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ରହିଥିଲେ।




## ପ୍ରଧାନପାଟ କପ୍: ସର୍ବଭାରତୀୟ ଫୁଟବଲ୍ ପ୍ରତିଯୋଗିତାର ଦ୍ୱିତୀୟ ଦିବସ

# ଛତିଶଗଡ଼ର ଏସିବି ଇଣ୍ଡିଆ ଲିମିଟେଡକୁ ପରାସ୍ତ କରି ଝାରସୁଗୁଡ଼ା ସେମିଫାଇନାଲରେ

**ଦେବଗଡ଼, ୯।୧(ସମିସ)**

ପ୍ରଧାନପାଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍‌ରେ ଗତକାଲି ଠାରୁ ଆରମ୍ଭ ହୋଇଥିବା 'ପ୍ରଧାନପାଟ୍ କପ୍' ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଆଜି ଛତିଶଗଡ଼ର ଏସିବି ଇଣ୍ଡିଆ ଲିମିଟେଡକୁ ୩-୧ଗୋଲରେ ପରାସ୍ତ କରି ଝାରସୁଗୁଡ଼ାର ଆଦିବାସୀ ଫୁଟବଲ କ୍ଲବ୍ ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚକୁ ରେଫରୀ ଭାବେ ସୁବ୍ରତ କୁମାତ ପୁରୋହିତ, ରାଜକୁମାର ମଣ୍ଡଳ, ଅନୀଲ କିସାନ, ନୀଳ ନାୟକ ଓ ସୌରଭ କୁମାର ନାୟକ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ଝାରସୁଗୁଡ଼ା ଆଦିବାସୀ ଫୁଟବଲ କ୍ଲବ୍‌ର ଖେଳାଳି ସୁମନ୍ତ ଓରାମ ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ଦିବସର ମ୍ୟାଚକୁ ମୁଖ୍ୟଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ସମ୍ମାନୀତ ଅତିଥି ଭାବେ ଆଇନଜୀବୀ ସିଦ୍ଧେଶ୍ୱର ଗୁରୁ, ଜିଲ୍ଲା କଂଗ୍ରେସ ଏସ୍‌ସି ସେଲ୍‌ଫ ସଭାପତି ମଞ୍ଜୁଳ କୁମାର ନାଏକ, ରିଆମାଳ ବ୍ଲକ କଂଗ୍ରେସ କମିଟି ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଲିତା ଆଚାର୍ଯ୍ୟ, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ ଯୋଗଦେଇ ଆୟୋଜକ ଏବଂ ଉଭୟ ଦଳର ଖେଳାଳୀମାନଙ୍କୁ ଉତ୍ସାହିତ କରିବାସହ ଝାରସୁଗୁଡ଼ା ଆଦିବାସୀ ଫୁଟବଲ କ୍ଲବ୍‌ର ଖେଳାଳି ସୁମନ୍ତ ଓରାମଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ଆୟୋଜକ ପ୍ରଧାନପାଟ କ୍ଲବ ଓ ଝାରସୁଗୁଡ଼ାର ଆଦିବାସୀ ଫୁଟବଲ କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ପ୍ରଧାନପାଟ କପ୍ ଆୟୋଜନ କମିଟିର ସଭାପତି ବିକାଶ କୁମାର ପ୍ରଧାନ, ସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧକ୍ଷ ସଞ୍ଜୀବ କୁମାର ବେହେରା, ପ୍ରଧାନପାଟ କ୍ଲବର ସମ୍ପାଦକ ସଞ୍ଜୀବ କୁମାର ନାଏକ, ସଦସ୍ୟ ଯୋଗେନ୍ଦ୍ର ସାହୁ, ମଛିନ୍ଦ୍ର ନାୟକ, ରୂପକ କୁମାର ମାଝୀ, ଶରତ ମେହେର, ଯୋଗେଶ ନାୟକ, ବାବୁଲୁ ଜେନା, ଜୟନାରାୟଣ ସାମଲ, ଦୀପକ ବେହେରା, ସନ୍ତୋଷ ଭୋଇ, ମାନସ ପ୍ରଧାନ, ପ୍ରତାପ ଦେବ ଓ ରିଲୁ ମହାପାତ୍ରଙ୍କ ସମେତ ବହୁ ସଦସ୍ୟ ଓ କର୍ମକର୍ତ୍ତା ସକ୍ରୀୟ ସହଯୋଗ କରୁଛନ୍ତି। ଗତକାଲି ଭଳି ଆଜିର ମ୍ୟାଚ୍ ଦେଖିବା ପାଇଁ ମଧ୍ୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଦର୍ଶକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।



# ଝାରସୁଗୁଡ଼ାରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ

**ଝାରସୁଗୁଡ଼ା, ୯।୧(ସମିସ):** ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା ସହ ବିଭିନ୍ନ କାର୍ଯ୍ୟକ୍ରମ ଜିଲ୍ଲାରେ ଅନୁଷ୍ଠିତ ହୋଉଛି। ସଂକୀର୍ତ୍ତନ ମାଧ୍ୟମରେ ଶ୍ରଦ୍ଧାଳୁ ଭକ୍ତମାନେ ରଥକୁ ନିଜ ନିଜ ଅଞ୍ଚଳରେ ଭକ୍ତିର ସହ ପରିକ୍ରମା କରାଇଥିଲେ। ପ୍ରତ୍ୟେକ ଘରୁ ଅକ୍ଷତ ଓ ଗୁଆ ସଂଗ୍ରହ କରାଯାଇଛି। କିର୍ମିରାରେ ଜି.ପାନପାଲି, ଝାରମାଲ, ଏବାଗଡ଼ିହି, ଡୁମ୍ବାଡ଼ିହି, କାଦୋପାଲି, ସାରସମାଲ, ପିତାମଲ, ବାଗଡ଼ିହି, ତେଲିଡ଼ିହି, ଗୁର୍ଲାବାହାଲ, ଖାରମୁଣ୍ଡା, ବଇଜାପାଲି, ବାରପନ, ଚମାରଡ଼ିହି, ଖଡ଼ଙ୍ଗାଡିହି ଉକୁଲୁଥମାଲ ଅଞ୍ଚଳରେ ରଥ ପରିକ୍ରମା କରିଥିଲା। ସେହିପରି ଲଇକେରାରେ ତପଗୁଞ୍ଜା, ଫଙ୍କୁଡ଼ିହି, ଚାନ୍ଦିନୀମାଲ ଓ ସାହାସପୁର, କୋଲାବିରାରେ ପରମାଣପୁର, ପତ୍ରପାଲି, ସିରିଆପାଲି, କୁନ୍ଦୁରୁସିଂଘା, ଝରିଆପାଲି, ପଣ୍ଡକିମାଲ ଓ ବଡ଼ବାହାଲ, ଲଖନପୁର ବ୍ଲକରେ ରେମେଣ୍ଡା, ବାଘମୁଣ୍ଡା, ଜାମଗାଁ, ତିଲିଆ, ପଞ୍ଚଗାଁ ଓ ସମରବଗା ପଞ୍ଚାୟତର ବିଭିନ୍ନ ଅଞ୍ଚଳ, ଝାରସୁଗୁଡ଼ା ବ୍ଲକର ଦଲକୀ, ପୂର୍ଣ୍ଣା, ଏଟ୍‌କଟାପାଲି, ରାମପୁର, ମାଲଦା, ଖଇତ୍, କୁଦପାଲି ଓ ଅଇଁଲାପାଲି ଆଦି ବିଭିନ୍ନ ଅଞ୍ଚଳରେ ଭକ୍ତି ଉଲ୍ଲାସର ସହ ରଥ ପରିକ୍ରମା କାର୍ଯ୍ୟ ଅନୁଷ୍ଠିତ ହୋଇଛି। ସମସ୍ତ ଅଞ୍ଚଳରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସରପଞ୍ଚ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମିତି ସଭ୍ୟ, ୱାର୍ଡ ମେମ୍ବର ଓ ସରକାରୀ ପଦାଧିକାରୀ ଓ ସ୍ଥାନୀୟ ବ୍ୟକ୍ତି ବିଶେଷ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସେହିପରି ବ୍ରଜରାଜନଗର ପୌରାଞ୍ଚଳର ତିନିଟି ୱାର୍ଡ, ଝାରସୁଗୁଡ଼ା ଓ ବେଲପାହାଡ଼ ପୌରାଞ୍ଚଳର ତିନିଟି ଲେଖାଏଁ ୱାର୍ଡରେ ଅର୍ପଣ ରଥ ପରିକ୍ରମା କରିବା ସହ ପ୍ରତି ଘରୁ ଅକ୍ଷତ ଓ ଗୁଆ ସଂଗ୍ରହ କରାଯାଇଛି।



## ସମ୍ବଲପୁର ଏସ୍‌ଏମ୍‌ସିରେ ବୁଲିଲା ଅର୍ପଣ ରଥ

# ଭକ୍ତିଭାବରେ ଚାଉଳ, ଗୁଆ ଦେଉଛନ୍ତି ଶ୍ରଦ୍ଧାଳୁ

**ସମ୍ବଲପୁର, ୯।୧(ସମିସ)**

ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ। ଲୋକାର୍ପଣ ହେବ। ଏଥିପାଇଁ



ସମଗ୍ର ରାଜ୍ୟ ଉତ୍ସବ ମୁଖର ହୋଇପଡ଼ିଛି। ପ୍ରବିତ୍ର ଉତ୍ସବ ପାଇଁ ଭକ୍ତି ଅର୍ଘ୍ୟ ପ୍ରଦାନ କରୁଛନ୍ତି ଭକ୍ତ। ରାଜ୍ୟର ସବୁଠାରେ ଗଡ଼ୁଛି ପରିକ୍ରମା ଅର୍ପଣ ରଥ। ସଂଗ୍ରହ କରାଯାଉଛି ଗୁଆ ଓ ଅରୁଆ ଚାଉଳ। ଗାଁରୁ ସହର ସୃଷ୍ଟି ହୋଇଛି ଆଧ୍ୟାତ୍ମିକ ପରିବେଶ। ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହେଉଛି ଗାଁ ଠାରୁ ସହର। ଆଜିଠୁ ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ରଥ ବୁଲିବା ଆରମ୍ଭ ହୋଇଛି। ମହାନଗର ନିଗମ ପୁରୁଣା ଅଫିସ ପରିସରରୁ ଅର୍ପଣ ରଥ ଶୁଭାରମ୍ଭ ହୋଇଥିଲା। ରେଢାଖୋଲ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏସ୍‌ଏମ୍‌ସି କମିସନର ବେଦ ଭୂଷଣ, ଡେପୁଟି କମିସନର ଶଙ୍କର ସାହୁଙ୍କ ସମେତ ଅଧିକରୀ ମାନେ ଉପସ୍ଥିତ ରହିଥିଲେ। ଶତାଧିକ ମହିଳା ଉପସ୍ଥିତ ରହି ପୁଜା ଅର୍ଚ୍ଚନା କରିଥିଲେ। ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା। ଶ୍ରୀମନ୍ଦିର ପରିକ୍ରମା ରଥକୁ ସ୍ୱାଗତ କରିବା ସହ ଶାନ୍ତି ଶୃଙ୍ଖଳାର ସହ ପରିକ୍ରମା କରାଇବା ପାଇଁ ଏସଏମସି ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଯେପରି ଅଧିକରୁ ଅଧିକ ଜଗନ୍ନାଥପ୍ରେମୀ ସାମିଲ ହୋଇପାରିବେ। ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ପ୍ରତି ୱାର୍ଡରୁ ଗୁଆ ଚାଉଳ ସଂଗ୍ରହ କରାଯିବାକୁ ରଥ ବାହାରିଥିଲା। ଶାନ୍ତିଶୃଙ୍ଖଳା ସହିତ କିଭଳି ରଥ ପରିକ୍ରମା କରିବ ସେନେଇ କମିଟି ଯାତ୍ରାରେ ଯାଇଥିଲେ। ଆଜି ୱାର୍ଡ ୧, ୨, ୮, ୨୦, ୩୮, ୨୬ ମୋଟ ୬ ଗୋଟି ୱାର୍ଡକୁ ପରିକ୍ରମା ରଥ ଯାଇଥିଲା। ପ୍ରତ୍ୟେକ ୱାର୍ଡରେ ହଜାର ହଜାର ଭକ୍ତମାନେ ଭବ୍ୟ ସ୍ୱାଗତ କରିଥିଲେ। ହରିବୋଲ, ହୁଳହୁଳି ଦେଉଥିଲେ। ସବୁଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଥିଲା। ଗ୍ରାମର ପ୍ରତ୍ୟେକ ପରିବାର ପକ୍ଷରୁ ମହାପ୍ରଭୂ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁ ମାନେ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ।ଭକ୍ତିମୟ ପରିବେଶ ଅନୁଷ୍ଠିତ ହୋଇଥିଲେ। ହୀରାକୁଦରେ ବିଜେଡି ରାଜ୍ୟ ସଂପାଦକ ସୁଶାନ୍ତ ପାଣିଗ୍ରାହୀ, ସତିଶ ବିଶି, ସୁମନ୍ତ୍ର ପଣ୍ଡା, ଦେବାଶିଷ ନନ୍ଦ, ସିପ୍ରିୟା ମହାନ୍ତି, ସବିତା ପଣ୍ଡା, ଭାସ୍କର ଦାସ, ସୁରେନ୍ଦ୍ର ବିଶ୍ୱା. ଜଗନ୍ନାଥ ଚୌଧୁରୀ, ଦିଲିପ ଦାସ, ଦିନେଶ ସେଠ, ଲିଙ୍ଗରାଜ ତ୍ରୀପାଠି, ନିତିଶ ମୁକେଶ, ବନମାଲି ନା. ନରେଶ ଶର୍ମା, ଗୌରାଙ୍ଗ ପାଣ୍ଡେ, ଗୋପାଳ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



# '୫-ଟି' ଅଧ୍ୟକ୍ଷଙ୍କ ଗସ୍ତକୁ ନେଇ ବିଜେଡିର ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୯।୧(ସମିସ):** ରାଜ୍ୟ ସରକାରଙ୍କ ୫-ଟି ତଥା ଆମ ଓଡ଼ିଶା ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଡିସେମ୍ବର ୧୨ ସମ୍ବଲପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ରେମେଡ଼ ଛକ ନିକଟରେ ପଡ଼ିଆରେ ଅଭିଯୋଗ ଶୁଣାଣି ହେବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଜି ସମ୍ବଲପୁର ବିଧାନସଭା ନିର୍ବାଚନୀ କ୍ଷେତ୍ର ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶାନ୍ତିନଗର ସ୍ଥିତ ବିଜେଡି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟିକା ଡ଼. ରାସେଶ୍ୱରୀ ପାଣିଗ୍ରାହୀ ଏହି ବୈଠକରେ ସଭାପତିତ୍ୱ କରିଥିଲେ। ପାଣ୍ଡିଆନଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାଯ୍ୟକ୍ରମକୁ ଆହୁରି ଆଗକୁ ବଢ଼ାଇବାକୁ ଅନୁରୋଧ କରିଥିଲେ। ବୈଠକରେ ରେଢ଼ାଖୋଲ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ, ରାଜ୍ୟ ସାଧାରଣ ସମ୍ପାଦକ ଇଂ ସିଦ୍ଧାର୍ଥ ଦାସ, ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ଦଳୀୟ ପ୍ରବକ୍ତା ସଞ୍ଜୟ ବାବୁ, ମହିଳା ପର୍ଯ୍ୟବେକ୍ଷକ ମିନତୀ ଦେବତା, ଯୁବ ଛାତ୍ର ପର୍ଯ୍ୟବେକ୍ଷକ ରାଜେଶ ରାଜ ସ୍ୱାଇଁ, ମହିଳା ମହାନଗର ନିଗମ ସଭାପତି ଡ଼. ସଂଯୁକ୍ତା ମେହେର ପ୍ରମୁଖ କାର୍ଯ୍ୟକ୍ରମ କୁ ସଫଳ କରିବାକୁ ପ୍ରସ୍ତାବିତ ରୂପ ରେଖ ଉପରେ ବିସ୍ତୃତ ମତାମତ ପ୍ରଦାନ କରିଥିଲେ। ବୈଠକରେ ଜିଲ୍ଲା ଉପ ସଭାପତି ଦେବାଶିଷ ନନ୍ଦ, ସୁମନ୍ତ୍ର ପଣ୍ଡା, ବସନ୍ତ ମିଶ୍ର, ଅଶୋକ ମହାକୁର, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ବରିଷ୍ଠ ବିଜେଡି ନେତା ଗୋକୁଳ ମେହେର, ଅଶୋକ ସେନାପତି, ଭବାନୀ ବାବୁ, ଏମଡି ସନାଉଲ୍ଲା, ଅଶୋକ ପଟେଲ, ଯୁବ ବିଜେଡି ଜିଲ୍ଲା ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ମନୋଜ ମହାପାତ୍ର, ଧର୍ମରାଜ ମରେଇ, ଦେବାଶିଷ ପରିଡ଼ା, ଦିଲୀପ ଦାଶ,



ଲିଙ୍ଗରାଜ ତ୍ରିପାଠୀ, ଦିନେଶ ସେଠ, ମହିଳା ନେତ୍ରୀ ଉଷା ପ୍ରଧାନ, କବିତା ପୁରୋହିତ, ସିପ୍ରା ମହାନ୍ତି, କଳ୍ପନା ମିଶ୍ର, ମିତାଲି ସାହୁ, ସୁରେଖା ସାହୁ, ସବିତା ଆଚାର୍ଯ୍ୟ, ପୁଷ୍ପା ପଣ୍ଡା, ନୀଳିମା ନାୟକ, ସସ୍ମିତା ଦୀପ, ସୁବର୍ଣ୍ଣ ନାୟକ, ନନ୍ଦିନୀ ପ୍ରଧାନ, କୁନ୍ତୀ ସିଂ, ବୃନ୍ଦା କଟା, ଅନିତା ନାୟକ, ଭୋଳା ମହନ୍ତମ, ପ୍ରକାଶ ପ୍ରଧାନ, ପ୍ରଦ୍ୟୋଷ ମହାନ୍ତି, ଲିଙ୍ଗରାଜ ପରିଡ଼ା, ଭାବେଶ ଚାନ୍ଦ, ସୁରେନ୍ଦ୍ର ବିଶ୍ୱାଳ, ରମାକାନ୍ତ ସାହୁ, ପ୍ରଶାନ୍ତ ନାୟକ, ହରଦୀପ ସିଂ ଭୁର୍ଜି, ଜିନୁ ରାଉତରାୟ, ନିଶାନ୍ତ ବହିଦାର, ଅଶ୍ୱିନୀ ପାଢ଼ୀ, ଅମିତାଭ ପରିଡ଼ା, ଦିପେନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ଓ ଏହି ପ୍ରସ୍ତୁତି ବୈଠକକୁ ମହାନଗର ନିଗମ ବିଜେଡି ସଭାପତି ସତୀଶ ବିଶି ସଂଯୋଜନା କରିଥିବା ବେଳେ ମହିଳା ବିଜେଡି ଜିଲ୍ଲା ସଭାପତି ବନ୍ଦିତା ରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଆନ୍ତଃଜିଲ୍ଲା କୋରେକ୍ସ ଚାଲାଣ ଭଣ୍ଡୁର କଲା ବୁର୍ଲା ପୁଲିସ

# ୫୨୦ ବୋତଲ କୋରେକ୍ସ ଜବତ, ୩ ଗିରଫ

**ସମ୍ବଲପୁର, ୯।୧(ସମିସ):** ବହୁଦିନ ପରେ କୋରେକ୍ସ ମାଫିଆଙ୍କ ବିରୁଦ୍ଧରେ ଆଖିଦୃଶିଆ ପଦକ୍ଷେପ ନେଇଛି ବୁର୍ଲା ପୁଲିସ।



ବରଗଡ଼ ଜିଲ୍ଲାରୁ ବୁର୍ଲାରୁ କୋରେକ୍ସ ଚାଲାଣ ହେଉଥିବାବେଳେ ମାଡି ବସିଲା ବୁର୍ଲା ପୁଲିସ। ବୁର୍ଲା ପୋଲିସ ହୀରାକୁଦ ରେଳ ଷ୍ଟେସନ ନିକଟରୁ ବିପୁଳ ପରିମାଣର କଫ ସିରପ ଜବତ କରିଛି। ବେଆଇନ କୋରେକ୍ସ ଚାଲାଣ ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଛି ପୁଲିସ। ଅଭିଯୁକ୍ତଙ୍କ ନିକଟରୁ ବୁର୍ଲା ପୋଲିସ ୫୨୦ ବତଲ କଫ ସିରଫ ଜବତ କରିଛି। ଏହି ବେଆଇନ କଫ ସିରଫ ଜବତ ଘଟଣାରେ ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୁର୍ଲା ଗୌଡପାଲିର ଅର୍ଜୁନ ମେହେର (୨୩), ଗୋଲଗୁଣ୍ଡା ଉପରପଡ଼ାର ସିଦ୍ଧାନ୍ତ ରାଉତ(୧୮), ଗୋଲଗୁଣ୍ଡାର ଅବିନାଶ ତାଣ୍ଡିଆ (୨୮)। ଏମାନଙ୍କଠାରୁ ୩ଟି ମୋବାଇଲ ଜବତ ହୋଇଥିବା ବୁର୍ଲା ଏସଡିପିଓ ସତ୍ୟବ୍ରତ ଦାଶ ସୂଚନା ଦେଇଛନ୍ତି। ତେବେ ଅଭିଯୁକ୍ତମାନେ କୋରେକ୍ସ ଧରି କୌଣସି ବସ୍ କିମ୍ବା ଅଟୋର ଅପେକ୍ଷା କରିଥିଲେ। ଜବତ ହୋଇଥିବା କୋରେକ୍ସ ସବୁ ଅଭିଯୁକ୍ତମାନେ ଟ୍ରେନ ଯୋଗ ବରଗଡ଼ ଜିଲ୍ଲାରୁ ଆଣି ଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି।

# ଟ୍ରେନ ଧକ୍କାରେ ଜଣେ ମୃତ

**ସମ୍ବଲପୁର, ୯।୧(ସମିସ):** ଟ୍ରେନ ଧକ୍କାରେ ଜଣେ ମୃତ୍ୟୁ ବରଣ କରିଥିବା ଜିଆରପି ପୁଲିସ ସୂଚନା ଦେଇଛି। ବରଗଡ଼ରୁ ମଧ ଦେଓବାହାଲ ୬୦୩/୨-୪୦ାରେ ଏକ ଅଜଣା ଟ୍ରେନ ଧକ୍କାରେ ଜଣେ ମୃତ୍ୟୁ କରିଛି। ମୃତକ ଜଣକ ହେଉଛନ୍ତି ବରଗଡ଼ ଜିଲ୍ଲା ଶକ୍ତିନଗର ନଟ କଲୋନୀର ୫୩ ବର୍ଷିୟ ସୁବଳ ଭୁଏ। କୌଣସି ଏକ ଅଜଣା ଟ୍ରେନ ଦୁର୍ଘଟଣାରେ ଜୀବନ ଯାଇଥିବା ପ୍ରାଥମିକ ତଦନ୍ତ ବେଳେ ଜିଆରପି ପୁଲିସ କହିଛି।

# ଲୋକ ମହୋତ୍ସବରୁ ପେଣ୍ଟିଂ ଚୋରି

**ସମ୍ବଲପୁର, ୯।୧ (ସମିସ) :** ସମ୍ବଲପୁର ଲୋକମହୋତ୍ସବରେ ଏକ ଚିତ୍ର ପ୍ରଦର୍ଶନୀର ଆୟୋଜନ ହୋଇଥିଲା। ସମ୍ବଲପୁର କଳା ସଂସ୍କୃତିକୁ ନେଇ ଅନେକ ଚିତ୍ର ଲାଗିଥିଲା। ହେଲେ ବନ୍ଦନା ଆର୍ଟ ଗ୍ୟାଲେରୀରୁ ୭ଟି ଚିତ୍ର ଚୋରି ହୋଇଥିବା ଅଇଁଠାପାଲି ଥାନରେ ଶିଶିର କର ଅଭିଯୋଗ କରିଛନ୍ତି। ସେ ଏନେଇ ମଧ ଜିଲ୍ଲାପାଳଙ୍କୁ ମଧ ଅଭିଯୋଗ କରିଛନ୍ତି।

# ବେଆଇନ ହୋର୍ଡିଂ ଭାଙ୍ଗିଲା ଏସ୍‌ଏମ୍‌ସି

**ସମ୍ବଲପୁର, ୯।୧(ସମିସ):** ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଆଜି ବିଭନ୍ନ ସ୍ଥାନରେ ଚଢଉ କରି ବେଆଇନ ଭାବରେ ଲାଗିଥିବା ହୋର୍ଡିଂଗୁଡାକୁ ଭାଙ୍ଗିଦେଇଛି। ଆଗକୁ ସମଲେଇ ପ୍ରକଳ୍ପର ଲୋକର୍ପଣ ହେବାକୁ ଯାଉଛି। ତାନେଇ ସହରକୁ ସୌନ୍ଦର୍ଯ୍ୟକରଣ କରିବାରେ ଏସଏମସି ଲାଗିପଡ଼ିଛି। ବେଆଇନ ଭାବରେ ଲାଗିଥିବା ହୋର୍ଡିଂଗୁଡା ସହରକୁ ଅସୁନ୍ଦର କରୁଥିବା ଯୋଗୁଁ ଏହାକୁ କାଢି ଦେଇଥିବା ଜଣାପଡ଼ିଛି। ଏହା ସହ ରାସ୍ତ କଡରେ ଥିବା ଉଠା ଦୋକାନିକୁ ସ୍ଥାନନ୍ତରଣ କରିବାକୁ କୁହାଯାଇଛି।

# ନିର୍ବାଚନକୁ ନେଇ ପ୍ରଶାସନର ସମନ୍ୱୟ ବୈଠକ

**ସମ୍ବଲପୁର, ୯।୧( ସମିସ)** ସମ୍ବଲପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ବୈଠକରେ ସମସ୍ତ ବିଭାଗ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଜିଲ୍ଲାପାଳ ଅନନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ନିର୍ବାଚନ ଦିନ ଧାର୍ଯ୍ୟ ହୋଇ ନାହିଁ। ହେଲେ ନିର୍ବାଚନ ସୁଚାରୁ ରୁପେ ପରିଚାଳନା ହେବ ସେନେଇ ବିଭାଗର ଅଧିକାରୀମାନେ ମତ ରଖି ଆଲୋଚନାରେ ଭାଗ ନେଇଥିଲେ। ବୁଥ ଗୁଡିକୁ ଗମନା ଗମନ ସୁବିଧା, ସୁରକ୍ଷିତ ମତଦାନ ଓ ବ୍ୟବସ୍ଥିତ ମତଦାନ, ଭୋଟର ଓ ପୁଲିଂ ପାର୍ଟିଙ୍କ ସୁବିଧା, କେତେ ସଂଖ୍ୟାରେ ଅଧିକାରୀ ଓ କର୍ମଚାରି ନିୟୋଜିତ ରହିବେ, ଭୋଟ କାର୍ଡରେ ସଂଶୋଧନ ଓ ନୂଆଁ ତାଲିକା ନେଇ ଆଲୋଚନା ହୋଇଥିଲା।



ତ୍ରୁଟି ପୁର୍ଣ୍ଣ ତାଲିକା ପ୍ରକାଶ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ଅଧିକାରୀମାନେ ମତ ଦେଇ ହେଉଥିବା ସମସ୍ୟା ଉପରେ କହିଥିଲେ। ମତଦାନ କେନ୍ଦ୍ରରେ ଭିନ୍ନକ୍ଷମମାନଙ୍କ ପାଇଁ ସୁବିଧା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ମତଦାନ କେନ୍ଦ୍ରରେ ନିର୍ବାଚନ ଆୟୋଗ ନିୟମକୁ ପାଳନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଏସପି ମୁକେଶ କୁମାର ଭାମୁ ସୁରକ୍ଷିତ ମତଦାନ ହେବା ନେଇ କଣ ପଦକ୍ଷେପ ନିଆଯାଇ ପାରିବ ସେନେଇ କହିଥିଲେ। ନିର୍ବାଚନ ଘୋଷଣା ତାରିଖ ଠାରୁ ନିର୍ବାଚନ, ଟ୍ରେନିଂ, ଇଭିଏମ୍ ପ୍ରଦର୍ଶନ କେନ୍ଦ୍ର, ମୋବାଇଲ୍ ପ୍ରଦର୍ଶନ, ପ୍ରଦର୍ଶନୀ ୱାନ୍, ସାମଗ୍ରୀ ପରିଚାଳନା, ପରିବହନ ପରିଚାଳନା-ଯାନଗୁଡିକର ଆବଶ୍ୟକତା, ମଡେଲ୍ ଆଚରଣ ସଂହିତା, ଖର୍ଚ୍ଚ ମନିଟରିଂ, ମିଡିଆ ସାର୍ଟିଫିକେସନ୍, ବିଚ୍ଛିନ୍ନ ଓ ମତଦାନ ଗ୍ରହଣ କେନ୍ଦ୍ର ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ.ଏମ.ସି କମିଶନର ବେଦ ଭୁସନ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ପ୍ରଦୀପ କୁମାର ସାହୁଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ଟ୍ରାକ୍ଟର-ଅଟୋ ଦୁର୍ଘଟଣା: ଜଣେ ମୃତ, ୪ ଆହତ

**ସମ୍ବଲପୁର, ୯।୧(ସମିସ):** ଶାସନ ଥାନା ଅନ୍ତର୍ଗତ ଗିରିପାଲି ଗ୍ରାମ ରାସ୍ତାରେ ଆଜି ସନ୍ଧ୍ୟାରେ ଟ୍ରାକ୍ଟର ଓ ଅଟୋ ମଧ୍ୟରେ ମର୍ମନ୍ତ



ଦୁର୍ଘଟଣା ଘଟିଥିଲା। ଏଥିରେ ଜଣେ ମୃତ ସହ ୪ଜଣ ଆହତ ହୋଇଛନ୍ତି। ମୃତକ ହେଲେ କୁସନପୁରୀ ଗ୍ରାମର କୈଳାଶ ଜଗଦଲା(୪୦)। ଅନ୍ୟ ୪ଜଣଙ୍କ ମଧ୍ୟରେ ଦୁଇଜଣ ଶିଶୁ ରହିଛନ୍ତି। ସେମାନେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଚିକିତ୍ସା ହେଉଛନ୍ତି। ଶାସନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ଡାକ୍ତରଖାନ ଫ୍ରିଜରେ ରଖିଛି। ଏନେଇ ଏକ ମାମଲ ରୁଜୁ କରି ଅଟୋକୁ ଜବତ କରିଛି। ସୂଚନାଯୋଗ୍ୟ, ଅଟୋରେ ମୃତ କୈଳାଶ ସହ ଅନ୍ୟମାନେ ଘରକୁ ବଣଭୋଜି ସାରି ଫେରୁଥିଲେ। ଏହି ସମୟରେ ସାମ୍ନା ପଟରୁ ଆସୁଥିବା ଟ୍ରାକ୍ଟର ଧକ୍କା ଦେଇଥିଲା। ଅଟୋରେ ୪ ଜଣ ଯାତ୍ରୀ ଚାପି ହୋଇଯାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଘଟଣା ସ୍ଥଳେରୁ ଫେରାର ମାରିଥିବା ଜଣାପଡ଼ିଛି। ସ୍ଥାନୀୟଲୋକ ପୁଲିସ ଆହତମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ପରେ ଡାକ୍ତର କୈଳାଶଙ୍କୁ ମୃତ ଘୋଷଣା କରିଥିଲେ।

# ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ପଣ୍ଡା ସମ୍ମାନିତ

**ବୁର୍ଲା, ୯।୧(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ ଅବସରରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ପଣ୍ଡାଙ୍କୁ ସମ୍ମାନିତ କରାଯାଇଛି। କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ପ୍ରଫେସର କେ. ଉମାମହେଶ୍ୱର୍ ରାଓ, ଡାଇରେକ୍ଟର, ଏନ ଆଇ ଟି ରାଉରକେଲା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ପଣ୍ଡାଙ୍କୁ ସମ୍ମାନିତ କରିଥିଲେ। ସେ ପଚାଶରୁ ଊର୍ଦ୍ଧ ନାଟକରେ ଅଭିନୟ କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି।

# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୯।୧(ସମିସ):** ସମ୍ବଲପୁର ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରିବାକୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବୈଠକ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ ସାହୁ ଅଧ୍ୟକ୍ଷତା କରିଥିଲେ । ଏସଏମସି କମିଶନର ବେଦ ଭୂଷଣ ପ୍ରତ୍ୟକ ବିଭାଗକୁ ସେମାନଙ୍କ ଦାୟିତ୍ୱ ସୂଚାରୁରୂପେ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ। ନେଲସନ ମାଣ୍ଡେଲା ସ୍ଥିତ ରାଜରାସ୍ତାରେ ସାଧାରଣତନ୍ତ୍ର ଦିବସ ପାଳିତ ହେବ । ଜାତୀୟ ପତାକା ଉତ୍ତୋଳନ, ପ୍ୟାରେଡରେ ଅଭିବାଦନ ଗ୍ରହଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ, ପ୍ରଜ୍ଞପନ ମେଢ ପ୍ରଦର୍ଶନ କରାଯିବ। ସମ୍ବଲପୁର ମଣ୍ଡଳ କାରାଗାର, ନାରୀବନ୍ଦୀ ନିକେତନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଦୁର୍ଗାପାଲି ସ୍ଥିତ ଦୟାମଣି ଜରା ନିବାସର ଅନ୍ତେବାସୀ ମାନଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରାଯିବ । ଭୋରଟାରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯିବ। ଦେଶାତ୍ମକବୋଧକ ସଙ୍ଗୀତ ଗାନ, ପ୍ରଭାତଫେରୀ ହେବ । ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀମାନଙ୍କୁ ସାଧାରଣତନ୍ତ୍ର ଦିବସ ଉତ୍ସବରେ ପୁରସ୍କୃତ କରାଯିବ। ସହରର ବିଭିନ୍ନ ସ୍ଥାନରେ ଦେଶର ପ୍ରତିଷ୍ଠିତ ବରପୁତ୍ର



ମାନଙ୍କର ପ୍ରତି ମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପ୍ୟାରେଡ ଚଳିତ ମାସ ୨୧ ରୁ ୨୪ ତାରିଖ ଅଭ୍ୟାସ ପ୍ୟାରେଡ ହେବ । ପଡ଼ିଆ ସାଜସଜ୍ଜା, ବ୍ୟାରିକେଡ ନିର୍ମାଣ, ଶାନ୍ତିଶୃଙ୍ଖଳା ରକ୍ଷା, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ଅସ୍ଥାୟୀ ସ୍ଥାୟୀ ଶିବିର ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ପ୍ରତେକ୍ୟ ବିଭାଗ ସେମାନଙ୍କର କାର୍ଯ୍ୟାଳୟକୁ ଆଲୋକ ମାଳରେ ସଜିତ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଅନ୍ୟାନ୍ୟ ବିଭାଗର ଅଧିକାରୀ, ସମାଜସେବୀ, ଶିକ୍ଷାବିତ, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# 'ନୂଆ-ଓ' ଫେଷ୍ଟ ପାଇଁ ପ୍ରସ୍ତୁତି ବୈଠକ



**ସମ୍ବଲପୁର, ୯।୧(ସମିସ):** ଆସନ୍ତା୧୩ ଜାନୁଆରୀରେ ଅନୁଷ୍ଠିତ ହେବାକୁ ଥିବା ନୂଆ-ଓ ଫେଷ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାସ୍ତରୀୟ ଫେଷ୍ଟର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ, ଅଂଶଗ୍ରହଣକାରୀ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ଚିହ୍ନଟ ବ୍ୟାଜ୍ ପ୍ରସଙ୍ଗ, ଷ୍ଟେଜ୍ ପରିଚାଳନା, ପରିବର୍ତ୍ତନ ନିର୍ମାତା, ପରିବହନ ଏବଂ ଖାଦ୍ୟ, ଆଇ.ଇ.ସି ଷ୍ଟଲ୍, ଛାତ୍ରମାନଙ୍କର ପଞ୍ଜୀକରଣ ଏବଂ ପରିଚୟ ପତ୍ର ପ୍ରଦାନ ବିଷୟରେ ଆଲୋଚନା କରାଯାଇଥିଲା। ଏହା ସହ ବ୍ୟବସାୟିକ ଖାଦ୍ୟ ଷ୍ଟଲ୍, ମେଡିକାଲ୍ ଡେସ୍କ ସ୍ଥାପନ, ଶୌଚାଳୟ, ପୋଲିସ୍ ନିୟୋଜନ, ଖାଦ୍ୟ ଗୁଣବତ୍ତା ଯାଞ୍ଚ, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ଇଭେଣ୍ଟ ମ୍ୟାନେଜମେଣ୍ଟ ଷ୍ଟାଫ୍ ଏବଂ ସୁରକ୍ଷା ବ୍ୟକ୍ତିଙ୍କ ସହ ଡ୍ରିଲ୍ କରିବା, ପ୍ରବେଶ ପଏଣ୍ଟରେ ବ୍ୟାଗ୍ ଯାଞ୍ଚ, ମିଡିଆର କଭରେଜ୍, ବସ୍ ଡ୍ରାଇଭରଙ୍କ ଯୋଗାଯୋଗ ପାଇଁ କଲେଜଗୁଡ଼ିକର ନୋଡାଲ୍ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଏସପି ସମ୍ବଲପୁର ମୁକେଶ ଭାମୁ, ଏସ.ଏମ.ସି କମିଶନର ବେଦ ଭୂଷଣ, ସିଡିଓ କମ ଇଓ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ

# ସାମ୍ପ୍ରତିକ ବ୍ୟବସ୍ଥା ସାହିତ୍ୟ-ସଂସ୍କୃତି ଉପରେ ପ୍ରଭାବ ପକାଉଛି

**ବୁର୍ଲା, ୯।୧(ସମିସ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜ୍ୟୋତିବିହାର ପରିସରରେ ଆୟୋଜିତ ଉତ୍ସବରେ ନୂତନ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଯୋଗ ଦେଇଥିଲେ। ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବା ବେଳେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ଉମା ବଲ୍ଲଭ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମଗ୍ର ଦେଶ ପ୍ରତି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବଦାନ ଓ ଏଠାକାର ପୁରାତନ ଛାତ୍ରଙ୍କ କାର୍ଯ୍ୟଦକ୍ଷତାକୁ ଅତିଥିଗଣ ପ୍ରଶଂସା କରିଥିଲେ। ଏହି ୫୭ ବର୍ଷରେ ପଶ୍ଚିମ ଓଡ଼ିଶାର ଦୀପଶିଖା ପାଲଟିଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏହି ଦିଗନ୍ତ ପଥର ଯାତ୍ରା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୨- ବର୍ଷ ପାଇଁ ବିଶିଷ୍ଟ ଆସାମୀ କବି ଅନିଶ ଉଜ୍ ଜମାନଙ୍କୁ ଗଙ୍ଗାଧର ଜାତୀୟ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଉତ୍ତରରେ ଶ୍ରୀ ଜମାନ୍ ଗଙ୍ଗାଧର ମେହେରଙ୍କ କାବ୍ୟକୃତୀରେ ମାନବ ଜୀବନର ଆଦର୍ଶ ପ୍ରତିଫଳିତ ହୋଇଛି ବୋଲି ପ୍ରକାଶ





କରିଛନ୍ତି। ସେ ଆହୁରି କହିଥିଲେ ଯେ, ଓଡ଼ିଶା-ଆସାମ ମଧ୍ୟରେ ସମ୍ପର୍କ ବହୁ ପ୍ରାଚୀନ। ଆସମ କବି ଶ୍ରୀମନ୍ତ ଶଙ୍କର ଦେବ ପୁରୀରେ ରହିବା ସହିତ ଓଡ଼ିଶା ସମ୍ପର୍କରେ ତାଙ୍କର ଲେଖନିରେ ବର୍ଣ୍ଣନା କରିଛନ୍ତି। ଶ୍ରୀ ଜଗନ୍ନାଥ ମନ୍ଦିରର ପରିବେଶ ଦ୍ୱାରା ପ୍ରଭାବିତ ହୋଇଥିଲେ ବୈଷ୍ଣବ ଧର୍ମର ମୁଖ୍ୟ ହେଉଛି ଭକ୍ତିଭାବ ଓ ଚୈତନ୍ୟ ଦେବଙ୍କ ଲେଖା ପ୍ରେମ ଭାବ ଆଧାରିତ ଏଣୁ ଭକ୍ତି ଆନ୍ଦୋଳନ ସହିତ ବୈଷ୍ଣବ ଧର୍ମର ସମ୍ପର୍କ ରହିଛି ବୋଲି ସେ କହିଥିଲେ। ଏହି ପୁରସ୍କାର ଆସାମ ରାଜ୍ୟକୁ ତାଙ୍କ ମାଧ୍ୟମରେ ଯାଉଛି। ଏହା ସମଗ୍ର ଅହମିୟା ସାହିତ୍ୟ ଓ ସଂସ୍କୃତିକୁ ସ୍ୱୀକୃତି ପ୍ରଦାନ କରିଛି। ଅହମିୟା ସାହିତ୍ୟକ ଲକ୍ଷ୍ମୀ ନାଥ ବେଜବରୁଆ ଏଠାରେ ରହି ପୌର ପରିଷଦର ଅଧ୍ୟକ୍ଷ ତଥା ସମ୍ଭ୍ରାନ୍ତ ନାଗରିକ ମାନ୍ୟତା ପାଇଥିଲେ। ଆଜିର ସମାଜରେ କବିତାର ମୁଲ୍ୟ ବୃଦ୍ଧି ପାଇଛି ଓ ଭାଷାର ମୌଳିକ ଚରିତ୍ରକୁ ରକ୍ଷା କରିବା ସହିତ ଭାଷା ସମୃଦ୍ଧ ହେଉଛି। ସାମ୍ପ୍ରତିକ ବ୍ୟବସ୍ଥା ସାହିତ୍ୟ ସଂସ୍କୃତି ଉପରେ ପକାଉଥିବା ପ୍ରଭାବ ପ୍ରତି କବି ମାନଙ୍କୁ ସତର୍କ ହେବାକୁ ହେବ। କବିତାର କଳା କୁଳହ ବୈଶିଷ୍ଟ୍ୟ, ମୁଲ୍ୟବୋଧ ଓ ଅନ୍ୱେଷଣ ଅର୍ନ୍ତନିହିତ। ଆସାମରେ ଓଡ଼ିଶାର ବହୁ ମୁଳନିବାସୀ ପ୍ରତିଷ୍ଠିତ କବି ହୋଇ ପାରିଛନ୍ତି। ପ୍ରାରମ୍ଭରେ କୁଳସଚିବ ଡ. ନୃପରାଜ ସାହୁ ଅତିଥି ପରିଚୟ ସହିତ ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଭାରପ୍ରାପ୍ତ କୁଳପତି ପରିଷଦର ଅଧ୍ୟକ୍ଷା ପ୍ରଫେସର ସଂଯୁକ୍ତା ଦାସ ଗତ ଏକବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟର ଉପଲବ୍ଧି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଅଭିନେତା, ନାଟ୍ୟକାର ନିର୍ଦ୍ଦେଶକ ଦୀପକ କୁମାର ପଣ୍ଡାଙ୍କୁ ସଂସ୍କୃତି କ୍ଷେତ୍ରରେ ଅବଦାନ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସଭାରେ ବିଶ୍ୱବିଦ୍ୟାଳୟର ସାହିତ୍ୟ ପତ୍ରିକା ସପ୍ତର୍ଷିର ଏକ ସଂସ୍କରଣକୁ ସମ୍ମାନିତ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଉତ୍କର୍ଷ କ୍ରିଡ଼ା ପ୍ରଦର୍ଶନ ହରି ବେହେରାଙ୍କୁ ହରିବନ୍ଧୁ ସାହୁ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅସବରରେ ନିକଟରେ ଅବସର ଗ୍ରହଣ କରିଥିବା ବିଶ୍ୱବିଦ୍ୟାଳୟର ପ୍ରଫେସର, ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ କ୍ଷେତ୍ରରେ ଶୀର୍ଷସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ କୁଳପତି ପ୍ରଫେସର ମିଶ୍ର ସମ୍ମାନିତ କରିଥିଲେ।